ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.270 Bhubaneswar Friday, December 17, 2021 | ୨୪ତମ ବର୍ଷ ସଂଖ୍ୟା-୨୭୦ ଭୁବନେଶ୍ୱର ଶୁକ୍ରବାର, ଡିସେମ୍ବର ୧୭, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS





ରେରା ସଦସ୍ୟ ତଥା ପୂର୍ବତନ ସ୍ୱତନ୍ତ୍ର ଅର୍ଥ ସଚିବ ଶ୍ରୀ ପ୍ରଦୀପ କୁମାର ବିଶ୍ୱାଳ, ଶ୍ରୀମତୀ ପ୍ରଶାନ୍ତି ବିଶ୍ୱାଳଙ୍କ ଜ୍ୟେଷ୍ଠ ପୁତ୍ର ପୁନିତ ଓ ନବବଧୂ ବସୁନ୍ଧରାଙ୍କ ଭୁବନେଶ୍ୱର କ୍ଲବଠାରେ ଅନୁଷ୍ଠିତ ବିବାହ ଉତ୍ସବ ଅଭ୍ୟର୍ଥନା ସମାରୋହରେ ଉପସ୍ଥିତ ପର୍ଯ୍ୟବେକ୍ଷକ ଏବଂ ଦି କଳିଙ୍ଗ କ୍ରୋନିକଲର ମୁଖ୍ୟ ସମ୍ପାଦକ ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

## ୧୮ରେ ବାଲେଶ୍ୱରରେ କ୍ରୀଡ଼ା ଭିତିଭୂମିର ଶିଳାନ୍ୟାସ କରିବେ କ୍ରୀଡା ମନ୍ତ୍ରୀ

ଭୁବନେଶ୍ୱର,୧୬।୧୨(ପି.ଏନ): ଇଲେକଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତିବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଚଳିତ ମାସ ୧୮ ତାରିଖରେ ଦିନିକିଆ ବାଲେଶ୍ୱର ଜିଲ୍ଲା ଗସ୍ତରେ ଯିବେ । ଏହି ଗସ୍ତ ସମୟରେ ମନ୍ତ୍ରୀ ବିଭିନ୍ନ କ୍ରୀଡ଼ା ଭିତିଭୂମି ଓ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗ ଦେବେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ରେମୁଣା ବ୍ଲକ ବରୁଣସିଂ ଗ୍ରାମ ପଂଚାୟତ ଅନ୍ତର୍ଗତ ରୂପବାଲି ଖେଳ ପଡିଆରେ ମିନି ଷ୍ଟାଡିୟମର ଶିଳାନ୍ୟାସ କରିବେ। ପରେ ମନ୍ତ୍ରୀ ନୀଳଗିରି ରୋଡ ନୋଡାଲ ହାଇସ୍କୁଲର ୫-'ଟି' ରୂପାନ୍ତରଣ କାର୍ଯ୍ୟକ୍ରମରେ ଯୋଗଦେବେ । ପରେ ମନ୍ତ୍ରୀ ଠାକୁରପଦା ଖେଳ ପଡିଆ ପରିଦର୍ଶନ କରିବା ସହ ଗଣ୍ଡରଦା ଗ୍ରାମପଂଚାୟତଠାରେ ବୃହତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ରମରେ ଯୋଗଦେବେ । ଚଷାଖଣ୍ଡ ଗ୍ରାମ ପଂଚାୟତ ଅନ୍ତର୍ଗତ ବାଘାଯତୀନ ପାର୍କର ନବୀକରଣ କାର୍ଯ୍ୟକ୍ରମରେ ଯୋଗଦେବା ପରେ ମନ୍ତ୍ରୀ କ୍ଷୀରଚୋରା ଗୋପୀନାଥ ମନ୍ଦିର ଯିବାର କାର୍ଯ୍ୟକ୍ରମ ରହିଛି । ମନ୍ତ୍ରୀଙ୍କ ଏହି ଗସ୍ତ ସହିତ ଜିଲ୍ଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଉଦଘାଟନ ଓ ଶିଳାନ୍ୟାସକୁ ନେଇ ସମଗ୍ର ଜିଲ୍ଲା, ରେମୁଣା ବ୍ଲକ ତଥା ବରୁଣସିଂ

## ଡେଲ୍‌ଟାଠୁ ୫ ଗୁଣା ଅଧିକ ସଂକ୍ରାମକ ଓମିକ୍ରନ

ଭୁବନେଶ୍ୱର,୧୬।୧୨(ପି.ଏନ): ଓମିକ୍ରନ ସଂକ୍ରମଣକୁ ଦୃଷ୍ଟିରେ ରଖି ବାହାର ଦେଶରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ କଡା ନଜର ରଖିଛି । ପଜିଟିଭ ଚିହ୍ନଟ ହେଉଥିବା ବ୍ୟକ୍ତିଙ୍କ ପାଇଁ ସରକାରୀ ବ୍ୟବସ୍ଥା ଥିବା ହସ୍ପିଟାଲରେ ସ୍ୱତନ୍ତ୍ର ବ୍ଲକ କରାଯିବ। ଯେପରି ଅନ୍ୟ ରୋଗୀଙ୍କ ସହ ସଂସ୍ପର୍ଶରେ ନଆସିବେ, ସେନେଇ ବ୍ୟବସ୍ଥା କରାଯିବ। ସେମାନଙ୍କ ପାଇଁ ହୋମ ଆଇସୋଲେଶନ ବ୍ୟବସ୍ଥା ନଥିବା କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର। ସେ କହିଛନ୍ତି ଯେ, ଓମିକ୍ରନ ଡେଲ୍‌ଟାଠୁ ୫ ଗୁଣା ଅଧିକ ସଂକ୍ରମଣ କରୁଛି।

# ଗୋଟିଏ ଦିନରେ ୧୭୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୬।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୭୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୨୩୧୮ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୧ ହଜାର ୮୩୬ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୯୮୯ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୭୩ ଜଣଙ୍କ ମଧ୍ୟରୁ ୯୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୮୪ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧, ବାଲେଶ୍ୱର ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଭଦ୍ରକ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଥିବ ବେଳେ ବଲାଙ୍ଗୀର ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୧୨ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଓ ଗଜପତି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଂଜାମ ଜିଲ୍ଲାରେ ୧, ଜଗତସିଂହପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାଜପୁରରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଳାହାଣ୍ଡି ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## କଳିଙ୍ଗ ଷ୍ଟାଡିୟମ୍ ରେ ୮୯ଟି ବହୁମୁଖୀ ଇନଡୋର ଷ୍ଟାଡିୟମର ଭିତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର କଳିଙ୍ଗ ଷ୍ଟାଡିୟମ୍ ଠାରେ ନିର୍ମାଣାଧୀନ ବିଭିନ୍ନ କ୍ରୀଡା ଭିତିଭୂମି ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଜିଲ୍ଲାରେ କ୍ରୀଡ଼ା ପ୍ରକଳ୍ପ ସମୂହର ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ୮୯ଟି ବହୁମୁଖୀ ଇନଡୋର ଷ୍ଟାଡିୟମ ପାଇଁ ମୁଖ୍ୟମନ୍ତ୍ରୀ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି ।ଏହାସହ ରାଉରକେଲାର ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମର ଶୁଭାରମ୍ଭ ହୋଇଛି । ଅନୁଗୁଳ ସୁଇମିଂ ପୁଲ୍, ବାରିପଦା ସୁଇମିଂ ପୁଲ୍, କଳିଙ୍ଗ ଷ୍ଟାଡିୟମର ନୂତନ ଛାତ୍ରାବାସ ଓ କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ଭାରୋତୋଳନ ହଲକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି । ୮୯ଟି ଇନଡୋର ଷ୍ଟାଡିୟମ ପାଇଁ କ୍ଷେତ୍ର ପ୍ରସ୍ତୁତ ହୋଇଥିବା ବେଳେ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ୫୦ଟି କ୍ଷେତ୍ରରେ ଖୁବଶୀଘ୍ର କାମ ଆରମ୍ଭ ହେବ । ସମସ୍ତ ଇନଡୋର ଷ୍ଟାଡିୟମ ୨୦୨୨-୨୩ ସୁଦ୍ଧା କାର୍ଯ୍ୟକ୍ଷମ ହେବ । ଏସବୁ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମରେ ବ୍ୟାଡମିଂଟନ, ଟେବୁଲ ଟେନିସ୍, ଭାର ଉତୋଳନ ବ୍ୟବସ୍ଥା ରହିବ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଲୋକଙ୍କ ପାଇଁ ସାହାରା ପାଲଟିବ ଏସବୁ ଇନଡୋର ଷ୍ଟାଡିୟମ । ଏହି ସମୟରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ସଚିବ ଭି.କେ ପାଣ୍ଡିଆନ୍ , କ୍ରୀଡା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା , ଉନ୍ନୟନ କମିଶନର ପି.କେ ଜେନା,କ୍ରୀଡା ବିଭାଗ କମିଶନର ଆର ଭିନିଲ୍ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ ।

## ପଂଚାୟତ ପରେ ପୌର ନିର୍ବାଚନ ପ୍ରସ୍ତୁତି

ଭୁବନେଶ୍ୱର, ୧୬।୧୨(ପି.ଏନ): ପଂଚାୟତ ନିର୍ବାଚନ ପରେ ପରେ ପୌର ନିର୍ବାଚନ ହେବାର ସମ୍ଭାବନା ରହିଛି। ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ରାଜ୍ୟ ନିର୍ବାଚନ ଆୟୋଗ। ପ୍ରଥମ ପର୍ଯ୍ୟାୟରେ ୧୫ଟି ଜିଲ୍ଲାକୁ ଇଭିଏମ ମେସିନ ପଠାଯାଇଛି। ଗତକାଲି ମଧ୍ୟ ୫ଟି ଜିଲ୍ଲାକୁ ଯାଇଛି ଇଭିଏମ ।ରାଜ୍ୟର ୧୦୫ ପୌରାଂଚଳରେ ନିର୍ବାଚନ ହେବାକୁ ଅଛି। ଏହାସହ କଟକ, ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମରେ ମଧ୍ୟ ନିର୍ବାଚନ ହେବାର ଅଛି। ତେବେ ଆଇନଗତ ପ୍ରକ୍ରିୟା କାରଣରୁ ସମ୍ବଲପୁର ଓ ରାଉରକେଲାରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇନଥିବା ସୂଚନା ମିଳିଛି ।ଆସନ୍ତା ମାର୍ଚ୍ଚ ୧୧ତାରିଖରେ ପଂଚାୟତ ସମିତି ସ୍ତରୀୟ ନିର୍ବାଚିତ ପ୍ରତିନିଧି ଏବଂ ମାର୍ଚ୍ଚ ୧୨ରେ ଜିଲ୍ଲା ପରିଷଦ ସଦସ୍ୟମାନଙ୍କ କାର୍ଯ୍ୟକାଳ ଶେଷ ହେଉଛି। ତେଣୁ ଏହା ପୂର୍ବରୁ ରାଜ୍ୟରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପ୍ରକ୍ରିୟା ଶେଷ କରିବାକୁ ହେବ। ଏହା ପରେପରେ ପୌର ନିର୍ବାଚନ କରାଇବାକୁ ନିର୍ବାଚନ କମିସନ୍ ପ୍ରସ୍ତୁତି କରୁଛନ୍ତି। ଜିଲ୍ଲାଗୁଡ଼ିକୁ ନିର୍ବାଚନ କମିସନଙ୍କ କାର୍ଯ୍ୟାଳୟରୁ ଇଭିଏମ ଓ ଅନ୍ୟାନ୍ୟ ନିର୍ବାଚନୀ ଉପକରଣ ପଠାଇବା କାମ ଆରମ୍ଭ ହୋଇଛି।

## ସୈନିକସ୍କୁଲକୁ ୧୦୦ବାଇସାଇକେଲ ପ୍ରଦାନ କଲା ୟୁନିୟନ ବ୍ୟାଙ୍କ୍

ଭୁବନେଶ୍ୱର,୧୬।୧୨(ପି.ଏନ): ଚନ୍ଦ୍ରଶେଖରପୁର ଶାଖା ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ,ସଂପ୍ରତି ସୈନିକସ୍କୁଲ ଭୁବନେଶ୍ୱରକୁ ଏହାର ସି.ଏସ.ଆର . ଯୋଜନାରେ କ୍ୟାଡେଟ୍ ମାନଙ୍କର କ୍ରୀଡା କାର୍ଯ୍ୟକ୍ରମକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ୧୦୦ଟି ବାଇସାଇକେଲ ପ୍ରଦାନ କରିଛି । ପ୍ୟାରେଡ ଗ୍ରାଉଣ୍ଡରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ୟୁନିୟନ ବ୍ୟାଙ୍କର ଆଂଚଳିକ ମୁଖ୍ୟ ଶୁଭମ୍ ସେନ ଗୁପ୍ତା , ଚନ୍ଦ୍ରଶେଖରପୁର ଶାଖା ପରିଚାଳକ ପି.ଚୌଧୁରୀ , ସୈନିକସ୍କୁଲ ପ୍ରଶାସନିକ ଅଧିକାରୀ କମାଣ୍ଡର ପ୍ରୀତିକା ଶର୍ମା ,ଉପାଧ୍ୟକ୍ଷା କମାଣ୍ଡର ଉଷା ସାଙ୍ଗଓାନ , ବରିଷ୍ଠ ଅଧ୍ୟାପକ ବି. ପ୍ରଧାନ ,ସାଇକେଲ ହବି ମାଷ୍ଟର ଇନ୍ ଚାର୍ଜ ଶିକ୍ଷକ ଏସ.କେ.ମିଶ୍ର , ଇଉନିୟନ ବ୍ୟାଙ୍କର ଅନ୍ୟାନ୍ୟ କର୍ମଚାରୀ ବୃନ୍ଦ , ସୈନିକସ୍କୁଲର କର୍ମଚାରୀ ଓ କ୍ୟାଡେଟ୍ ମାନଙ୍କ ଉପସ୍ଥିତିରେ ଅଧ୍ୟକ୍ଷ ଗ୍ରୁପ୍ କ୍ୟାପ୍ଟେନ୍ ଏସ୍. ଡୋମିନିକ ରାୟନଙ୍କୁ ପ୍ରଥମ ପର୍ଯ୍ୟାୟରେ ୨୦ଟି ସାଇକେଲ ପ୍ରଦାନ କରିଛନ୍ତି । କ୍ୟାଡେଟ ମାନଙ୍କର ସ୍ପୋର୍ଟସ୍ କାର୍ଯ୍ୟକ୍ରମର ଅଭିବୃଦ୍ଧି ନିମନ୍ତେ ସୈନିକସ୍କୁଲରେ ସାଇକେଲ ହବି କ୍ଲବ ସ୍ଥାପନ କରାଯାଇଛି ବୋଲି ଅଧ୍ୟକ୍ଷ ଗ୍ରୁପକ୍ୟାପ୍ଟେନ ରାୟନ କହିଛନ୍ତି ।

# ନିଯୁକ୍ତି ପାଇଲେ ୬୧୩୧ ଶିକ୍ଷକ

ଭୁବନେଶ୍ୱର, ୧୬।୧୨ (ପି.ଏନ): **ରାଜ୍ୟ ସରକାର ଆଜି ଏକାଥରକେ ୬୧୩୧ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି ।** ମାତ୍ର ୪୭ ଦିନ ମଧ୍ୟ ରେ ୬୧୩୧ ଶିକ୍ଷକ ନିଯୁକ୍ତି ଦିଆଯାଇଛି । ସେମାନଙ୍କ ମଧ୍ୟରେ ୨୨୩୬ ଜଣ କଳା ଶିକ୍ଷକ ୧୭୭୯ ବିଜ୍ଞାନ ୮୨୯ ହିନ୍ଦୀ ୭୯୬ ସଂସ୍କୃତ ପିଇଟି ଓ ୩ଜଣ ତେଲୁଗୁ ଶିକ୍ଷକ ନିଯୁକ୍ତି ପାଇଛନ୍ତି ।କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ ନବ ନିଯୁକ୍ତ ଶିକ୍ଷକ-ଶିକ୍ଷୟତ୍ରୀ ମାନଙ୍କ ଓରିଏଂଟେସନ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ଶିକ୍ଷା ହେଉଛି ସମାଜର ସାମୁହିକ ଆଶା ଓ ଆକାଂକ୍ଷାର ପ୍ରତିଫଳନ । ଶିକ୍ଷା ବ୍ୟବସ୍ଥାର ଆତ୍ମା ଭାବରେ ଶିକ୍ଷକ ମାନଙ୍କୁ ଅଭିହିତ କରି ଆମର ଭବିଷ୍ୟତ ପୀଢି ତଥା ନୂଆ ଓଡିଶା ଗଠନ ପାଇଁ ଆରମ୍ଭ ହୋଇଥିବା ଏହି ରୂପାନ୍ତରରେ ଶିକ୍ଷକ ମାନେ ସଫଳ ସହଯୋଗୀ ଭାବରେ ତାଙ୍କର ଦାୟିତ୍ୱ ତୁଲାଇବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପିଲାମାନେ ହେଉଛନ୍ତି ଅନନ୍ତ ସମ୍ଭାବନାର ପ୍ରତୀକ । ସେମାନଙ୍କ ମଧ୍ୟରେ ନୂଆ ଆଶା ଜାଗ୍ରତ କରିବା, ସେମାନଙ୍କର କଳ୍ପନାକୁ ଶକ୍ତି ଦେବା ଏବଂ ଅଧ୍ୟୟନ ପ୍ରତି ଆଗ୍ରହ ସୃଷ୍ଟି କରିବାରେ ଶିକ୍ଷକମାନେ ହିଁ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ସୃଜନୀଶକ୍ତିର ବିକାଶ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇଁ କାମ କରିବାକୁ ମୁଖ୍ୟମନ୍ତ୍ରୀ ଶିକ୍ଷକ ମାନଙ୍କୁ ପରାମର୍ଶ ଦେଇଥିଲେ ।ଏହି ଅବସରରେ ପୂର୍ବତନ ରାଷ୍ଟ୍ରପତି ଡଃ ଏ.ପି.ଜେ ଅବଦୁଲ କାଲାମଙ୍କ ବକ୍ତବ୍ୟକୁ ଉଦ୍ଧୃତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମାଜରେ ଶିକ୍ଷକ ମାନଙ୍କର ଭୂମିକା ଯେପରି ଗୁରୁତ୍ୱପୂର୍ଣ୍ଣ, ପୃଥିବୀରେ ଅନ୍ୟ କୌଣସି ବୃତି ସେଭଳି ଗୁରୁତ୍ୱ ବହନ କରେ ନାହିଁ । ତେଣୁ ଶିକ୍ଷକତା ପରି ଏକ ମହାନ ବୃତିକୁ ଆପଣେଇ ଥିବାରୁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଶିକ୍ଷକ-ଶିକ୍ଷୟତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୫-ଟି ହାଇସ୍କୁଲ ଟ୍ରାନ୍‌ସଫରେମେସନ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍କୁଲର ଭିତିଭୂମିର ରୂପାନ୍ତର କରାଯାଇ ସ୍ମାର୍ଟ କ୍ଲାସ ରୁମ୍, ଇ-ଲାଇବ୍ରେରୀ, ଆଧୁନିକ ପରୀକ୍ଷାଗାର, ଉନ୍ନତ ପରିମଳ ବ୍ୟବସ୍ଥା, ଖେଳପଡିଆ ତଥା ସ୍କୁଲର ପରିବେଶକୁ ଶିକ୍ଷା ଅନୁକୂଳ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯାଇଛି । ଏପର୍ଯ୍ୟନ୍ତ ୧୦୭୫ଟି ସ୍କୁଲର ରୂପାନ୍ତରଣ ପ୍ରଥମ ପର୍ଯ୍ୟାୟରେ ଶେଷ ହୋଇଥିବା ବେଳେ, ପର୍ଯ୍ୟାୟକ୍ରମେ ରାଜ୍ୟର ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ହାଇସ୍କୁଲର ରୂପାନ୍ତର କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଶିକ୍ଷା ବ୍ୟବସ୍ଥାରେ ଡିଜିଟାଲ ଜ୍ଞାନକୌଶଳର ପ୍ରୟୋଗକୁ ବର୍ତମାନ ପରିସ୍ଥିତିରେ ଜରୁରୀ ଆବଶ୍ୟକତା ଭାବେ ବର୍ଣ୍ଣନା କରି ଏଥିପାଇଁ ଶିକ୍ଷକମାନଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ନୂତନ ଶିକ୍ଷା ପରିବେଶରେ ପିଲାମାନଙ୍କୁ ସେମାନଙ୍କ ସ୍ୱପ୍ନକୁ ସାକାର ରୂପ ଦେବାପାଇଁ ସବୁପ୍ରକାର ସୁଯୋଗ ଦିଆଯାଇଛି ବୋଲି ମତଦେଇ ଶିକ୍ଷାଦାନ ପ୍ରତି ଶିକ୍ଷକ ମାନଙ୍କର ପ୍ରତିବଦ୍ଧତା, ପିଲାମାନଙ୍କୁ ପ୍ରେରଣା ହିଁ ସେମାନଙ୍କୁ ସଫଳତାର ଶିଡି ଚଢିବାରେ ସକ୍ଷମ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ।ଏହି କାର୍ଯ୍ୟକ୍ରମ ରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ ,ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ , ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା , ମନ୍ତ୍ରୀ ସମୀର ଦାଶ ପ୍ରମୁଖ ଯୋଗ ଦେଇଥିଲେ ।

# ନିରପେକ୍ଷ ଭାବେ ଆବାସ ଯୋଜନାରେ ଘର ଦେବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ବିଜେପି ସାଂସଦ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୬।୧୨(ପି.ଏନ): କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡାଙ୍କ ନେତୃତ୍ୱରେ ରାଜ୍ୟ ବିଜେପି ସାଂସଦର ପ୍ରତିନିଧି ମଣ୍ଡଳି ଗୁରୁବାର ନୂଆଦିଲ୍ଲୀ ଠାରେ କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ ପଂଚାୟତିରାଜ ମନ୍ତ୍ରୀ ଗିରିରାଜ ସିଂହଙ୍କୁ ଭେଟି ରାଜ୍ୟ ସରକାରଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍ଷପାତିତା ନକରି ଯୋଗ୍ୟ ହିତାଧିକାରୀ ଚୟନ କରି ବାସଗୃହ ବଂଟନ କରିବାକୁ ନିର୍ଦ୍ଦେଶ ଦେବାକୁ ଦାବୀ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀ ସାଂସଦ ପ୍ରତାପ ଷଡଙ୍ଗୀ, ସୁରେଶ ପୂଜାରୀ, ନୀତିଶ ଗଙ୍ଗଦେବ, ସଙ୍ଗୀତା ସିଂହଦେଓ ଏବଂ ଅପରାଜିତା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସାଂସଦମାନେ ଦାବୀ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଏବଂ ରାଜ୍ୟ ସରକାରଙ୍କ ପକ୍କା ଘର ଯୋଜନାର ହିତାଧିକାରୀଙ୍କ ଡୁପ୍ଲିକେସନ ନ ହେବା ଦିଗରେ ବ୍ୟାପକ ବ୍ୟବସ୍ଥା ପ୍ରସ୍ତୁତ ହେଉ । ଯୋଜନାର ସ୍ପଷ୍ଟ ସୀମାରେଖା ପ୍ରସ୍ତୁତ କରାଯାଉ। ଯାହା ଦ୍ୱାରା ସମ୍ମିଶ୍ରଣ ନାଁରେ କେନ୍ଦ୍ରୀୟ ଯୋଜନାକୁ ନିଜ ଯୋଜନା ନାଁରେ ହଡପ୍ କରିବାର କୌଣସି ସୁଯୋଗ ରହିବ ନାହିଁ । ଏହାବ୍ୟତିତ ଭାରତ ସରକାର ୨୦୨୪ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ସମ୍ପ୍ରସାରଣ କରିଥିବା ବେଳେ ଓଡିଶାରେ ଥିବା ଯୋଗ୍ୟ ପରିବାରଙ୍କୁ ସ୍ୱଚ୍ଛତାର ସହ ଆବାସ ପକ୍ରଦାନ କରିବା ପାଇଁ ସାଂସଦମାନେ ଦାବୀ କରିଛନ୍ତି । ଦାବୀ ପତ୍ରରେ ଉଲ୍ଲେଖ ରହିଛି ଯେ, ସମସ୍ତଙ୍କୁ ପକ୍କା ଘର ଦେବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନା କରାଯାଇଛି। ନିକଟରେ ଭାରତ ସରକାର କେନ୍ଦ୍ରୀୟ ଅଂଶ ବଜେଟ୍ ଅନୁଦାନ ୧.୨୫ ଲକ୍ଷ କୋଟି ସହ ୨୦୨୪ ପର୍ଯ୍ୟନ୍ତ ଏହି ଯୋଜନାର ସମ୍ପ୍ରସାରଣ କରିଛନ୍ତି। ଏହାବ୍ୟତିତ ଏସଇସିସି ତାଲିକାରେ ଥିବା ପାଖାପାଖି ୯୩ ଲକ୍ଷ ପରିବାରକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବାର ଲକ୍ଷ୍ୟ ରଖାଯାଇଛି। କେନ୍ଦ୍ର ଗ୍ରାମୀଣ ବିକାଶ ଏବଂ ପଂଚାୟତିରାଜ ମନ୍ତ୍ରଣାଳୟ ୨୦୨୧ ନଭେମ୍ବର ସୁଦ୍ଧା ଦେଶରେ ୧.୬୫ କୋଟି ଘର ନିର୍ମାଣ କରାଯାଇଛି ଏବଂ ଏହା ଦେଶର କୋଟି କୋଟି ପରିବାରକୁ ସମ୍ମାନ ଦେଇଛି। ସେହିପରି ଓଡ଼ିଶାରେ ମଧ୍ୟ ପ୍ରାୟ ୨୭ ଲକ୍ଷ ହିତାଧିକାରୀ ଏହି ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଉପକୃତ ହୋଇଛନ୍ତି। ଭାରତ ସରକାରଙ୍କ ସମସ୍ତ ପ୍ରକାର ଉଦ୍ୟମ ଏବଂ ନିରନ୍ତର ସହଯୋଗ ସତ୍ତ୍ୱେ ସର୍ଭେ କାର୍ଯ୍ୟକୁ ସାରିବା, ଗୃହକୁ ଜିଓ ଟ୍ୟାଗିଂ କରିବା, ଯୋଗ୍ୟ ହିତାଧିକାରୀଙ୍କ ଆଧାରକାର୍ଡ୍ ଓ ଜବ୍ କାର୍ଡକୁ ସଂଯୋଗୀକରଣ କରିବା କାର୍ଯ୍ୟକୁ ୬ ଥର ସମୟ ବୃଦ୍ଧି କରାଯାଇଥିଲେ ମଧ୍ୟ ଓଡ଼ିଶା ସରକାର ନିଜ ଦାୟିତ୍ୱକୁ ପୂରଣ କରିବାରେ ବିଫଳ ହୋଇଛନ୍ତି ଏବଂ ଏବେ ପାଖାପାଖି ୭ ଲକ୍ଷ ପରିବାର ସର୍ଭେରୁ ବାଦ୍ ପଡ଼ିଥିବାର କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ତଦନ୍ତରୁ ଏହା ସ୍ପଷ୍ଟ ହୋଇଛି ଯେ ଯୋଗ୍ୟ ହିତାଧିକାରୀଙ୍କୁ ପରମାନେଟ୍ ୱେଟିଂ ଲିଷ୍ଟରୁ ବାଦ ଦିଆଯାଇଛି ଏବଂ ପକ୍କା ଘର ଥିବା ପରିବାର ଅର୍ଥାତ୍ ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଅଧୀନରେ ଘର ଯୋଗାଇ ଦିଆଯାଇଛି। ଏହା ମଧ୍ୟ ଜଣାପଡ଼ିଥିଲା ଯେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପାଣ୍ଠିକୁ ଅନ୍ୟ କାହାକୁ ହସ୍ତାନ୍ତର କରିବା ପାଇଁ ପ୍ରକୃତ ହିତାଧିକାରୀଙ୍କ ବ୍ୟାଙ୍କ୍ ନମ୍ବରକୁ ପରିବର୍ତନ କରାଯାଇଛି। ଫଳସ୍ୱରୂପ ପ୍ରକୃତ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଆର୍ଥିକ ଅନୁଦାନ ପାଇବାରୁ ବଂଚିତ ହୋଇଛନ୍ତି ।ଦକ୍ଷିଣ ଏବଂ ପଶ୍ଚିମ ଓଡ଼ିଶାର ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାର ହିତାଧିକାରୀଙ୍କୁ ଜିଓ ଟ୍ୟାଗିଂ ହୋଇନଥିବା କିମ୍ବା ଆବାସ ପ୍ଲସ ସଫ୍ଟୱାରରେ ଆଧାର ଓ ଜବ୍ କାର୍ଡ଼ ଲିଙ୍କ୍ ହୋଇନଥିବା କାରଣରୁ ପରମାନେଟ୍ ୱେଟିଂ ଲିଷ୍ଟରେ ଥାଇ ମଧ୍ୟ ଆବାସ ମିଳିପାରିନାହିଁ। ଏହାବ୍ୟତିତ କିଛି ଯୋଗ୍ୟ ହିତାଧିକାରୀ ମଧ୍ୟ ଆବାସ ପ୍ଲାଟଫର୍ମରୁ ବଂଚିତ ହୋଇଛନ୍ତି ବୋଲି ଦାବୀ ପତ୍ରରେ ଉଲ୍ଲେଖ କରିଛି।

# ବାଣରେ କମ୍ପୁଥିଲା କଳିଙ୍ଗ ଷ୍ଟାଡିୟମ୍, କାନରେ ହାତ ଦେଇଥିଲା କମିଶନରେଟ୍ ପୁଲିସ୍ !



ଭୁବନେଶ୍ୱର,୧୬।୧୨(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ବାଣ ଫୁଟାଇବା ଉପରେ କଟକଣା ଲାଗିଛି। ହେଲେ ସେହି ନିୟମକୁ ଫୁ' କରିଦିଆଯାଇଛି ରାଜଧାନୀରେ। ଆଜି କଳିଙ୍ଗ ଷ୍ଟାଡିୟମ୍‌ରେ ଫୁଟିଛି ରଙ୍ଗ ବେରଙ୍ଗର ବାଣ। ତାହା ପୁଣି ରାଇଜ ମୁଖିଆ, କମିଶନରେଟ୍ ପୁଲିସ ଓ ବଡ ବଡ ଅଧିକାରୀଙ୍କ ଆଗରେ। ବାଣ ଫୁଟି ପରିବେଶ କମ୍ପମାନ ହେଉଥିଲେ ସୁଦ୍ଧା କମିଶନରେଟ୍ ପୁଲିସ ନିରବ ରହିଥିଲା। ବାଣ ଉପରେ ଖୋଦ୍ କମିଶନରେଟ୍ ପୁଲିସ ବ୍ୟାନ୍ ଲଗାଇଥିବା ବେଳେ ଆଜି କେମିତି ଖୁଲମ୍ ଖୁଲା ଫୁଟାଗଲା ବାଣ, ତାକୁ ନେଇ ଉଠିଛି ପ୍ରଶ୍ନ ।କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି ଆୟୋଜିତ ହୋଇଥିଲା ନବ ନିଯୁକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଗୁରୁମନ୍ତ୍ରୀ ଦେଇଥିଲେ। ତେବେ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଷ୍ଟାଡିୟମ୍‌ରେ ଫୁଟିଥିଲା ରଙ୍ଗ ବେରଙ୍ଗର ବାଣ। ବାଣ ଫୁଟିବା ଯୋଗୁ ରାଜଧାନୀ ଆକାଶ ଏକ ପ୍ରକାର ଧୂଆଁମୟ ହୋଇଯାଇଥିଲା। ସେହି ସମୟରେ ଷ୍ଟାଡିୟମ ବାହାରେ ଗୋରୁ ଗାଈମାନେ ଭୟଭୀତ ହୋଇ ଦୌଡୁଥିବା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବାଣ ଗୁଡିକ ଫୁଟୁଥିଲା ।ସୂଚନାରୁ ପ୍ରକାଶ, ମହାମାରୀ କୋଭିଡ୍ ପାଇଁ ରାଜଧାନୀରେ ବାଣକୁ ବ୍ୟାନ୍ କରାଯାଇଥିଲା। ତଥାପି କିଛି ଲୋକ ବାଣ ଫୁଟାଉଥିବା ଅଭିଯୋଗ ହୋଇଥିଲା। ଯାହାକୁ ଦେଖି କମିଶନରେଟ୍ ପୁଲିସ୍ କଡା ନିର୍ଦ୍ଦେଶନାମା ଜାରି କରିଥିଲା। ଏପରିକି ଏକ ଫୋନ୍ ନମ୍ବର ମଧ୍ୟ ଜାରି କରାଯାଇଥିଲା ପୁଲିସ୍। ରାଜଧାନୀରେ କୌଣସି ସ୍ଥାନରେ ବାଣ ଫୁଟୁଥିଲେ ସେହି ଫୋନ୍ ନମ୍ବରରେ ଜଣାଇବାକୁ ଅନୁରୋଧ କରିଥିଲା କମିଶନରେଟ୍ ପୁଲିସ୍। ତେବେ ଏଠି ପ୍ରଶ୍ନ ଉଠୁଛି, କମିଶନରେଟ୍ ପୁଲିସର ମୁଖ୍ୟ କାର୍ଯ୍ୟାଳୟଠାରୁ କଳିଙ୍ଗ ଷ୍ଟାଡିୟମ୍‌କୁ ଦୂରତା ପ୍ରାୟ ଦୁଇ କିମି ହେବ। ପୁଲିସ୍ ଉପସ୍ଥିତିରେ ସେଠାରେ ଘନ ଘନ ବାଣ ଫୁଟିଛି। କିନ୍ତୁ ଏ ସମ୍ପର୍କରେ କମିଶନରେଟ୍ ପୁଲିସ୍ ଜାଣିପାରୁ ନାହିଁ। ବୋଧ ହୁଏ କମିଶନରେଟ୍ ପୁଲିସ୍ ? ସହରବାସୀଙ୍କ ଫୋନ୍ କଲ୍ ?କୁ ଅପେକ୍ଷା କରିଛି !

# ବିନା ଭିତିଭୂମି ଓ ବିନା ପୋଲିସ କର୍ମଚାରୀରେ ନୂତନ ପୋଲିସ ଡିଜି କରିବେ କ'ଣ ? : ବିଜେପି

ଭୁବନେଶ୍ୱର, ୧୬।୧୨(ପି.ଏନ): ରାଜ୍ୟରେ ୪୧୯୬ଟି ପୋଲିସ ପଦବୀ ଖାଲି। ଜନସଂଖ୍ୟା ଆଧାରରେ ପୋଲିସ ସଂଖ୍ୟା ବହୁତ କମ୍। ଦେଶରେ ପୋଲିସ ବ୍ୟବସ୍ଥା ପାଇଁ ସବୁଠାରୁ କମ୍ ଖର୍ଚ୍ଚ କରେ ଓଡିଶା ରାଜ୍ୟ, ଯାହାକି ରାଜ୍ୟ ବଜେଟର ମାତ୍ର ୦.୬ ପ୍ରତିଶତ। କେଉଁଠି ଥାନା ଅଛି ତ ଥାନାଧିକାରୀ ନାହାଁନ୍ତି କେଉଁଠି ଥାନାଧିକାରୀ ଥିଲେ କର୍ମଚାରୀ ନାହାଁନ୍ତି। ଅପରାଧ ନିୟନ୍ତ୍ରଣ ପାଇଁ ରାଜ୍ୟ ପୋଲିସର ଅତ୍ୟାଧୁନିକ ଭିତିଭୂମି ନାହିଁ। ଅଧିକାଂଶ କ୍ଷେତ୍ରରେ ପୋଲିସ କର୍ମଚାରୀ ପ୍ରତ୍ୟକ୍ଷ ଭାବେ ଦୁର୍ନୀତିରେ ଲିପ୍ତ ଥିବାର ଅନେକ ଦୃଷ୍ଟାନ୍ତ ରହିଛି। ଏନସିଆରବି ରିପୋର୍ଟ ଅନୁଯାୟୀ ରାଜ୍ୟରେ ମହିଳା ଓ ଶିଶୁ ନିର୍ଯାତନା ତଥା ହିଂସା ପ୍ରତିଦିନ ବୃଦ୍ଧି ପାଇ ରେକର୍ଡ ସ୍ତରରେ ପହଁଚିଛି। ନିଶା ବେପାର, ଗଞ୍ଜେଇ ଚାଲଣ, ସାଇବର କ୍ରାଇମ୍‌ରେ ଓଡିଶା ରାଜ୍ୟ ଶୀର୍ଷରେ ପହଁଚିଲାଣି। ପୋଲିସର କାର୍ଯ୍ୟର ନିରପେକ୍ଷତାକୁ ନେଇ ଓଡିଶାବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ନୂତନ ଭାବେ ନିଯୁକ୍ତ ପାଇଥିବା ପୋଲିସ୍ ଡିଜି ସୁନୀଲ୍ ବଂଶଲ୍ ଯେତେ ଦକ୍ଷ ହେଲେବି, ବିନା ଭିତିଭୂମି ଓ ବିନା ପୋଲିସ କର୍ମଚାରୀରେ ଏଠାରେ କରିବେ କ'ଣ ବୋଲି ଭାରତୀୟ ଜନତାପାର୍ଟିର ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ପ୍ରଶ୍ନ କରିଛନ୍ତି ।ପୋଲିସ୍ ମହାନିର୍ଦ୍ଦେଶକ ନିଯୁକ୍ତି ହେବାର ପ୍ରଥମ ପ୍ରତିକ୍ରିୟା ରୂପେ ମହିଳା ସୁରକ୍ଷାକୁ ଅଗ୍ରାଧିକାର ଦେବାର ଯେଉଁ ଘୋଷଣା ଶ୍ରୀ ବଂଶଲ କରିଛନ୍ତି ତାହା ବର୍ତମାନର ସରକାରୀ ବ୍ୟବସ୍ଥାରେ କେତେ ଦୂର ବିଶ୍ୱାସଯୋଗ୍ୟ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୀର୍ଘ ୨୭ବର୍ଷ ପରେ ଓଡିଶାକୁ ଫେରିଥିବା ନୂତନ ଡିଜିପି ଶ୍ରୀ ବଂଶଲ୍ ରାଜ୍ୟବାସୀଙ୍କ ସୁରକ୍ଷା ଏବଂ ସେବା ଉପରେ ଗୁରୁତ୍ୱ ଦେବେ ବୋଲି ଆଶା ବ୍ୟକ୍ତ କରିବା ସହ ନୂତନ ଦାୟିତ୍ୱ ପାଇଁ ଶ୍ରୀ ପଣ୍ଡା ଅଭିନନ୍ଦନ ଜଣାଇଛନ୍ତି।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ



ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।

ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢ଼ଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟୋଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ଟ୍ୟକଙ୍କ ଭିଡ। ଏହି ଉଦେଷ୍ୟୋଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ଟ୍ୟରେ ସାହାଯଷ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ଟ୍ୟତୀତ ଅନଷ୍ଟ୍ୟ ରାଜଷ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ଟ୍ୟାରେ ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯ୍ୟଷ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯ୍ୟଷ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯ୍ୟଷ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯ୍ୟଷ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯ୍ୟଷ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯ୍ୟଷ୍ଟ୍ୟଟକଙ୍କ ଭିଡକୁ ଲକ୍ଷଷ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯ୍ୟଷ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ଟ୍ୟତି ହେବି ନାହିଁ।



# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟଷ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯ୍ୟଷ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯ୍ୟଷ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯ୍ୟଷ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ

ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢ଼ୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ରାଜ୍ୟରେ ଲେବର ପ୍ରୋଗ୍ରେସିଭ ଫେଡ଼େରେସନ ସହ ୨୦ଟି ଶ୍ରମିକ ସଂଗଠନ ସହବନ୍ଧିତ କାର୍ଯ୍ୟକ୍ରମ ଉଦ୍‌ଘାଟିତ





ଭୁବନେଶ୍ୱର (ପିଏନ୍): ଦେଶର ଏକ ପ୍ରମୁଖ ଓ ଅଗ୍ରଣୀ କେନ୍ଦ୍ରୀୟ ସଂଗଠନ ଲେବର ପ୍ରୋଗ୍ରେସିଭ ଫେଡ଼େରେସନ (ଏଲ୍.ପି.ଏଫ୍) ଓଡ଼ିଶାରେ ବିଧିବଦ୍ଧ ଭାବେ ବୁଧବାର ସ୍ଥାନୀୟ ବିଦ୍ୟୁତ୍ ୟୁଥ୍ କ୍ଲବଠାରେ ଏହାର କାର୍ଯ୍ୟକ୍ରମ ଆରମ୍ଭ କରିଛି। ଦେଶର ଉଭୟ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ ତଥା ବ୍ୟାଙ୍କ, ରେଲୱେ, ପ୍ରତିରକ୍ଷା, ଟେଲିକମ୍, ଲୌହ, ଇସ୍ପାତ, ଆଲୁମିନିୟମ, ଖଣି, ଖଦାନ, ବିଦ୍ୟୁତ୍, ଶିଳ୍ପ ଆଦି କ୍ଷେତ୍ରରେ କାର୍ଯ୍ୟରତ ଅସଂଖ୍ୟ ଶ୍ରମିକ ସମୂହଙ୍କ ସୁରକ୍ଷା ତଥା ଅଧିକାର ପାଇଁ ଆଜିକୁ ଦୀର୍ଘ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସଂଗ୍ରାମ କରି ଆସୁଥିବା ଉକ୍ତ ସଂଗଠନ ୨୦୦୮ ମସିହାରୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଭାବେ ଭାରତ ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ମାନ୍ୟତା ପାଇବା ପରଠାରୁ ଏହାର କାର୍ଯ୍ୟକ୍ରମ ୧୯ଟି ରାଜ୍ୟ ଓ ୬ଟି କେନ୍ଦ୍ରଶାସିତ ଅଞ୍ଚଳରେ ଜାରି ରଖିଥିବା ସ୍ଥଳେ ଓଡ଼ିଶା ଭଳି ଏକ ଶ୍ରମିକ ଓ କୃଷକ ବହୁଳ ରାଜ୍ୟରେ ଏହାର ଉପସ୍ଥିତି ଶ୍ରମିକ ଓ କୃଷକ ଆନ୍ଦୋଳନକୁ ଏକ ନୂତନ ଦିଶା ଦେବାରେ ଆଶା ସଞ୍ଚାର କରିଛି। ଶ୍ରମିକ ଆନ୍ଦୋଳନର ଏକ ଗୁରୁତ୍ୱପୂର୍ଣ୍ଣ ତଥା ଘଡ଼ିସନ୍ଧି ସମୟରେ ଆନ୍ଦୋଳନକୁ ସଠିକ୍ ଦିଶା ଦେବା ପାଇଁ ଆଜିକୁ ୫୨ବର୍ଷ ତଳେ ୧୯୬୯ ମସିହାରେ ବିଶିଷ୍ଟ ରାଜନେତା ତଥା ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ଏମ୍. କରୁଣାନିଧି ଏହାର ପ୍ରତିଷ୍ଠା କରିଥିଲେ। ସମୟକ୍ରମେ ସଂଗଠନର ସଠିକ୍ ପରିଚାଳନା ତଥା ଦିଗ୍‌ଦର୍ଶନ ଦେଇ ଏହାକୁ କେନ୍ଦ୍ରୀୟ ମାନ୍ୟତା ତଥା ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇ.ଏଲ୍.ଓ) ମାନ୍ୟତା ହାସଲ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ଶ୍ରମିକ ନେତା ଏମ୍. ସାନ୍‌ମୁଗମ ଏହାର ଜାତୀୟ ମହାସଚିବ ଭାବେ ଅବସ୍ଥାପିତ ହୋଇଥିବା ସ୍ଥଳେ ବର୍ତ୍ତମାନ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏହାର ଜାତୀୟ ଆବାହକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ପରି ଏକ ଶ୍ରମିକ ଓ କୃଷକ ବହୁଳ ରାଜ୍ୟରେ ଏହାର କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ଓଡ଼ିଶା ରାଜ୍ୟର ପ୍ରଥମ ସଭାପତି ତଥା ଜାତୀୟ ଉପସଭାପତି ଭାବେ ବିଶିଷ୍ଟ ଶ୍ରମିକ ନେତା ବିରେନ୍ଦ୍ର ପ୍ରସାଦ ଦାସ, ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା କେନ୍ଦ୍ରୀୟ ପ୍ରଶାସନିକ କମିଟି ସଦସ୍ୟ ଭାବେ ଶ୍ରମିକ ନେତା ତଥା ସମବାୟବିତ୍ ମଧୁସୂଦନ ପ୍ରଧାନ ଓ ରାଜ୍ୟ ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ ପ୍ରଶାସନିକ ସଦସ୍ୟ ଭାବେ ଅଗ୍ରଣୀ ଯୁବ ଶ୍ରମିକ ନେତା ମନୋରଞ୍ଜନ ମହାରଣାଙ୍କୁ ମନୋନୀତ କରାଯାଇଛି।

ସାମ୍ପ୍ରତିକ ପରିସ୍ଥିତିରେ ଦେଶ ତଥା ରାଜ୍ୟରେ ଶ୍ରମିକ ଆନ୍ଦୋଳନ ଏକ ସଙ୍କଟଜନକ ଅବସ୍ଥା ଦେଇ ଗତି କରୁଥିବା ସମୟରେ ଏଲ୍.ପି.ଏଫ୍ ଭଳି ଏକ ପ୍ରମୁଖ ଲଢୁଆ ଅଗ୍ରଣୀ କେନ୍ଦ୍ରୀୟ ଶ୍ରମିକ ସଂଗଠନର ରାଜ୍ୟରେ ଉପସ୍ଥିତି ଏକ ନୂତନ ଦିଗ୍‌ଦର୍ଶନ ଦେବାର ଆଶା ସଞ୍ଚାର କରିଛି। ଦେଶରେ ବିଭିନ୍ନ ବର୍ଗର ଶ୍ରମିକ ଓ କୃଷକ ସମାଜ ପାଇଁ ନିରନ୍ତର ଭାବେ ଲଢି ଆସୁଥିବା ଏବଂ କେନ୍ଦ୍ରୀୟ ଶ୍ରମ ସଂଗଠନ ସମନ୍ୱୟ କମିଟିର ଏକ ପ୍ରମୁଖ ସଦସ୍ୟ ଭାବେ ଗଠନମୂଳକ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ଆସୁଥିବା ଏହି ସଂଗଠନ ରାଜ୍ୟରେ ମଧ୍ୟ ଏହାର ଦାୟିତ୍ୱ ଓ ଭୂମିକା ଅନ୍ୟ ସମସ୍ତ କେନ୍ଦ୍ରୀୟ ଓ ଆଞ୍ଚଳିକ ଶ୍ରମ ସଂଗଠନମାନଙ୍କ ସହଯୋଗରେ ଆଗାମୀ ଦିନରେ ଜାରି ରଖିବ ବୋଲି ରାଜ୍ୟ ସଭାପତି ଶ୍ରୀ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ଏହି କାର୍ଯ୍ୟକ୍ରମରେ ୨୦ଟି ଶ୍ରମିକ ସଂଗଠନ ସହବନ୍ଧିତ ହୋଇଛନ୍ତି। ଏହି ଶ୍ରମିକମାନଙ୍କ ସଂଖ୍ୟା ୨ଲକ୍ଷରୁ ଊର୍ଦ୍ଧ୍ୱ ହେବ। ଓଡ଼ିଶାରେ ତାର ଉପସ୍ଥିତି ଜାହିର କରିବ। ରାଜ୍ୟ ତଥା ଦେଶର ହିତ ଉଦ୍ଦେଶ୍ୟରେ ଏଲ୍‌ପିଏଫ୍ କାର୍ଯ୍ୟ କରିବ ବୋଲି ଶ୍ରୀ ଦାସ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ



କେନ୍ଦ୍ରାପଡ଼ା (ପିଏନ୍): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ଜରିଆରେ ବୁଧବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧିନରେ କେନ୍ଦ୍ରାପଡା ଜିଲ୍ଲାରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି । ଏହି ଯୋଜନାରେ କେନ୍ଦ୍ରାପଡା ଜିଲ୍ଲାର ୩ଲକ୍ଷ ୮ହଜାର ପରିବାରର ପ୍ରାୟ ୧୧ଲକ୍ଷ ସଦସ୍ୟ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ । ଏହି ଅବସରରେ ଜନସାଧାରଣଙ୍କୁ ଉଦବୋଧନ ଦେଇ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲ୍‌ଥ କାର୍ଡ ଜିଲ୍ଲା ତଥା ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପରିବର୍ତ୍ତନ ଆଣି ପାରିବ ବୋଲି ସେ କହିଥିଲେ । ଏହା ଦ୍ୱାରା ରାଜ୍ୟର ଗରିବ ଲୋକମାନେ ପ୍ରକୃତରେ ସଶକ୍ତ ହୋଇପାରିବେ । ଗରିବ ଲୋକମାନେ ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ଜମିବାଡି, ସୁନାଗହଣା ବିକ୍ରି କରିବାକୁ ବାଧ ହେବା ସହ ଋଣ କରିବାକୁ ମଧ୍ୟ ପଛାଇନଥାନ୍ତି। ଫଳରେ ଆର୍ଥିକ ସମସ୍ୟା ଯୋଗୁ ସେମାନଙ୍କ ପିଲାମାନଙ୍କ ପାଠପଢା ବନ୍ଦ ହୋଇ ଯାଇଥାଏ । ଚଳିତ ବର୍ଷ ସେପ୍ଟେମ୍ବର ମାସ ୧ତାରିଖରୁ ଆରମ୍ଭ ହୋଇଥିବା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ସ୍ମାର୍ଟ ହେଲ୍‌ଥ କାର୍ଡରେ ଗରିବ ଲୋକମାନେ ଦେଶର ୨୦୦ ବଡ ବଡ ହସ୍ପିଟାଲରେ ଭଲ ଚିକିତ୍ସା ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତାଙ୍କ ପାଇଁ ପ୍ରତିଟି ଜୀବନ ମୁଲ୍ୟବାନ । ଏହା ବ୍ୟତିତ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡା ଜିଲ୍ଲାର ୧୮,୫୪୬.୯୧ଲକ୍ଷ ଟଙ୍କାର ୪୮ଟି ପ୍ରକଳ୍ପର ଲୋକାର୍ପଣ କରିଥିବା ବେଳେ ୧୩,୪୦୨୫.୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୦୪ଟି ଜନ କଲ୍ୟାଣ ଯୋଜନା ପ୍ରକଳ୍ପର ଶିଳାନ୍ୟାସ ଭିଡିଓ କନଫରେନ୍ସିଂ ମାଧ୍ୟମରେ କରିଥିଲେ । କେନ୍ଦ୍ରାପଡା ଜିଲ୍ଲାରେ ହିତାଧିକାରୀମାନେ ୫୬ଟି ସରକାରୀ ଓ ୯ଟି ବେସରକାରୀ ଚିକିତ୍ସାଳୟରେ ଏହି ସ୍ମାର୍ଟ ହେଲ୍‌ଥକାର୍ଡର ସୁବିଧା ପାଇପାରିବେ । ଏହି ଉପଲକ୍ଷେ କେନ୍ଦ୍ରାପଡା ପୌରସଂସ୍ଥା ଟାଉନହଲ ପରିସରରେ ଅନୁଷ୍ଠିତ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ରଘୁ ନନ୍ଦନ ଦାସ ଓ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଦୃଢ



ନେତୃତ୍ୱ ଓ ଦୂରଦର୍ଶୀ କାର୍ଯ୍ୟକ୍ରମ ଯୋଗୁଁ ଓଡିଶା ଆଜି ବିଭିନ୍ନ କ୍ଷେତ୍ରରେ ତଥା ସ୍ୱାସ୍ଥ୍ୟ, କୃଷି, ଶିକ୍ଷା ଓ ଶିଳ୍ପ କ୍ଷେତ୍ରରେ ଅନ୍ୟ ରାଜ୍ୟ ପାଇଁ ଆଦର୍ଶ ସୃଷ୍ଟି କରିପାରିଛି ବୋଲି ମତ ବ୍ୟକ୍ତ କରିଥିଲେ । ମିଶନ ଶକ୍ତି ଯୋଗୁଁ ଓଡିଶାରେ ନାରୀ ଶକ୍ତି ସଶକ୍ତ ହେବା ସହ ସ୍ୱାବଲମ୍ବୀ ହୋଇ ପାରିଛି ବୋଲି ମତ ପ୍ରକାଶ କରିଥିଲେ । ଏହି ଉତ୍ସବରେ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଆରକ୍ଷୀ ଅଧିକ୍ଷକ ସମ୍ମିତ ସମ୍ପଦ ମଡକର, ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅନୀତା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଶଚିଦାନନ୍ଦ ମିଶ୍ର, କେନ୍ଦ୍ରାପଡା ବିଡିଓ ଅଶ୍ୱିନୀ କୁମର ଦାସ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ରାଜ୍ୟ ବିଜେଡିର ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେସ ଦାସ, ସଞ୍ଜୟ କୁମାର ଜେନା, ପ୍ରତାପ ଚନ୍ଦ୍ର ଦାସ, ଶକ୍ତିକାନ୍ତ ପାତ୍ର, ସ୍ୱୟଂସହାୟିକା ଗୋଷ୍ଠିର ସଦସ୍ୟା ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ମଞ୍ଚାସୀନ ଅତିଥିମାନେ ୬ଜଣ ହିତାଧିକାରୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ହେଲଥ କାର୍ଡ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ କୁନା ତ୍ରିପାଠୀ ଓ ବିଜେଡି ମୁଖପାତ୍ର ସୁଲତା ଦେଓ ସଞ୍ଚାଳନ କରିଥିଲେ । କେନ୍ଦ୍ରାପଡା ବିଧାୟକ ଶ୍ରୀ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଶ୍ରୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଉତ୍ସବରେ ଅନୁପସ୍ଥିତ ଥିବାର ଦେଖାଯାଇଥିଲା।

# ମାଣବସା ଗୁରୁବାର

ସାଧାରଣତଃ ମାର୍ଗଶୀର ମାସଟି 'ମୃଗଶୀରା' ନକ୍ଷତ୍ରାନୁସାରେ ନାମିତ ହୋଇଛି। ଏହି ମାସରେ ପ୍ରଥମାଷ୍ଟମୀ, ଓଢ଼ଣୀ ଷଷ୍ଠୀ, କାଞ୍ଜିଅଳା ନବମୀ ଏବଂ ମାଣବସା ଗୁରୁବାର ପଡ଼େ। ମାଣବସା ଗୁରୁବାରେ 'ମହାଲକ୍ଷ୍ମୀ ପୂଜା' ହୁଏ। କୁହାଯାଏ ଯେ ବାରମାସ ମଧ୍ୟରେ ମାର୍ଗଶୀର ଶ୍ରେଷ୍ଠ ଅଟେ : ମାସାନାଂ ମାର୍ଗଶୀର୍ଷୋହଂ।



ଗୁରୁବାର ଦିନ ମହାଲକ୍ଷ୍ମୀ ବ୍ରତ ସାଧାରଣତଃ ମାର୍ଗଶୀର, ମାଘ, ବୈଶାଖ ଏବଂ ଆଷାଢ଼ ମାସରେ ପାଳନ କରାଯାଏ। କିନ୍ତୁ ମାଣବସା ଗୁରୁବାର କହିଲେ, ମାର୍ଗଶୀର ମାସର ଶେଷ ଗୁରୁବାର ଅର୍ଥାତ୍ ପୂର୍ଣ୍ଣମୀ ପୂର୍ବ ଗୁରୁବାରକୁ ବୁଝାଏ। ଏହା ଧାନ ଅମଳବେଳ। ଗୁରୁବାର ପୂର୍ବ ଦିନ ଅର୍ଥାତ୍ ବୁଧବାର ରାତିରୁ ଗୃହିଣୀମାନେ ଅରୁଆ ଚାଉଳ ପିଠଉର ଚିତାରେ ଦାଣ୍ଡ ଦୁଆର ମୁହଁରୁ ମାଣପୂଜା ଘରଯାଏଁ ଲକ୍ଷ୍ମୀଙ୍କର ଆଗମନ ସୂଚକ ଚିତା ପକାନ୍ତି। ଏ ଚିତା ଲକ୍ଷ୍ମୀଙ୍କ ପାଦର ଚିହ୍ନ। ଘରଦ୍ୱାର, ବରଣ୍ଡା, ଅଗଣା ଏବଂ ବାରି କଳେଇ ଗଦାଯାଏଁ ଗୋବରରେ ଲିପାଯାଏ। ଏଥିରେ ଧାନଶିଷାର ଚିତା ପକାଯାଏ। ଏଥିରେ ଅନ୍ୟ ଚିତା ପଡ଼େ ନାହିଁ। ଏହି ସମୟରେ ଗାଁ ଦାଣ୍ଡରେ କଳେଇ ବୁହାଯାଇ ଖଳାକୁ ଅଣାଯାଏ। ଏହାକୁ ଲକ୍ଷ୍ମୀଙ୍କର ବିଜେ ବୋଲି ସ୍ୱାଗତ କରି ଦାଣ୍ଡରେ ତାଙ୍କ ପୂଜା କରାଯାଏ। ଏହାକୁ ଦାଣ୍ଡ ପହଁରା ଓଷା କହନ୍ତି। ଶେଷ ଗୁରୁବାରଟି ସ୍ୱତନ୍ତ୍ର। ଏହି ଦିନ ମାଣପୂଜା ଅର୍ଥାତ୍ ଲକ୍ଷ୍ମୀପୂଜା କରାଯାଏ। ପୂର୍ବବତ୍ ସେହିଦିନ ସକାଳୁ ଗୃହ ଏବଂ ଅଗଣା ଇତ୍ୟାଦି ଗୋବରରେ ଲିପାଯାଏ। ସବୁଆଡ଼ ଅର୍ଥାତ୍ ପରିବେଶର ଶୁଦ୍ଧି ଏବଂ ପବିତ୍ରତା ରଖାଯାଏ। ନୂଆ ବେତ ଟୋକେଇ ଓ ଗୌଣିରେ ଶୁକ୍ଲଧାନ ପୂର୍ଣ୍ଣ କରାଯାଏ। ଶୁକ୍ଲଧାନର ମେଣ୍ଢାକୁ ବେଣୀଦ୍ୱାରା ମଣ୍ଡିତ କରି ଖଟୁଲି ଥାପେ, ଛୋଟ ମାଣରେ ବିରି ଭରି ରଖେ, ଓଡ଼ିଆ ହିନ୍ଦୁ ଗୃହିଣୀ। ଛିଟାକନାରେ ଖଟୁଲିକୁ ବୋହୂ ରୂପରେ ଘୋଡ଼ାଇ ଦିଏ। ଏକ ସୁନାର ଅଳଙ୍କାରକୁ ଲକ୍ଷ୍ମୀ ମନେକରି ସେ ଖଟୁଲିକୁ ପିନ୍ଧାଇ ଦିଏ। ଫଳଲଗା ଅଁଳା, ଫଳଲଗା କଣ୍ଟେଇ କୋଳି ଡାଳ, ମୂଳାଗଛ, ଆଖୁ ଗଣ୍ଡିରା, ସୋରିଷ ଫୁଲ ଓ ଗେଣ୍ଡୁଫୁଲ ଦେଇ ମାଣକୁ ସଜାଏ; ସିନ୍ଦୁର ଓ ଚନ୍ଦନ ତହିଁରେ ଲଗାଏ; ଧୂପ ଦୀପରେ ବନ୍ଦନା କରେ; ଛେନା, ଗୁଡ଼, ମଣ୍ଡାପିଠା, କାକରା, ବିରିବରା, ବିରି ଲଡୁ, ଖିରୀ ଓ ଚକୁଳି ପିଠା ଦେଇ ଭୋଗ କରେ। ଏହାପରେ ପରିବାରର ସମସ୍ତ ସଦସ୍ୟ ଲକ୍ଷ୍ମୀଙ୍କୁ ମୁଣ୍ଡିଆମରି ପ୍ରସାଦ ପାଆନ୍ତି। ଏ ଭୋଗ ପଡ଼ୋଶୀ ବା ବିବାହିତ ଝିଅମାନେ ପାଆନ୍ତି ନାହିଁ। ଏ ଭୋଗକୁ ଲାଗି କହନ୍ତି।

ଏହି ପୂଜାରେ ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀପୁରାଣ' ପଢ଼ାଯାଏ। ସଂଧ୍ୟାରେ ଧୂପ ଓ ଦୀପ ଦେଇ ମା'ଙ୍କର ପୂଜା କରାଯାଏ। ମାଣଧାନକୁ ତୋଳି ମାଣ ବଣାରେ ରଖାଯାଏ। ମାଣ ପାହିଲି, ଖଟୁଲି ଓ ଛିଟକନା ଏକତ୍ର ରଖାଯାଏ। କେହି କେହି ସେହି ଦିନ ବସାଇ ମାଣ ଉଜାଇଁ ଦିଅନ୍ତି; ଆଉ କେହି ମାଘ ମାସ ଶେଷଗୁରୁବାରେ ଉଜାନ୍ତି। କେହିବି ମାର୍ଗଶୀର ଶେଷ ପାଳିରେ ମାଣ ବସାଇ ପୌଷର ପ୍ରଥମ ଗୁରୁବାରେ ଉଜାନ୍ତି। ଉଜୁଆଁ ଧାନକୁ ଚାଉଳକରି ଖିରି କରାଯାଏ। ଏହା ପରିବାର ଛଡ଼ା ଅନ୍ୟ କେହି ପାଆନ୍ତି ନାହିଁ। ଲକ୍ଷ୍ମୀପୂଜା ଓଡ଼ିଶାର ଏକ କୃଷି ସଂପର୍କିତ ପୂଜା। ଏଣୁ ଧାନ ଅମଳବେଳେ ପ୍ରଥମେ ମାଣଧାନକୁ ପୂଜା କରାଯାଏ। ମାଣବସା ଗୁରୁବାର ନେଇ ରାଧାମୋହନ ଗଡ଼ନାୟକ କୁହନ୍ତି:

ଖଳାରେ ଖଳାରେ କଳେଇ ଗଦାର
ସୁଷମା/ସକଳ ନୟନେ ଦିଶୁଛି ଅତୁଳା
ଅସମା ॥
ପିଠଉର ଝୋଟ ମେଳି ପାଖେ
ଲେଖି ସରସେ/ପଲ୍ଲୀ ଘରଣୀ ଲକ୍ଷ୍ମୀ
ପୂଜଇ ହରଷେ ॥
ସ୍ୱାଗତ ଲକ୍ଷ୍ମୀ ପୌଷ/ଘରେ ଘରେ
ତୁମେ ଆଣିଛ ଅନ୍ନ, ଆୟୁଷ ॥ :
**ସ୍ୱାଗତ ଲକ୍ଷ୍ମୀ ପଉସ**

ମାଣବସା ଓଡ଼ିଶାରୁ ଉତ୍ପତ୍ତି। ଓଡ଼ିଶାରେ ତା'ର ପୂଜା ବିଶ୍ୱାସ ଏହା ସାଧବ ପରିବାରରୁ ଉତ୍ପତ୍ତି ନେଇଛି। କିମ୍ବଦନ୍ତୀରୁ ମିଳେଯେ, କଳିଙ୍ଗର ଏକ ନଗରରେ ଚିତ୍ରକେତୁ ନାମକ ଏକ ଧନୀ ସାଧକ ଥିଲେ। ତାଙ୍କର ଶ୍ୟାମାନାମ୍ନୀ ଏକ କନ୍ୟା ପ୍ରଥମେ ମାଣବସା ବ୍ରତ କରି ଲକ୍ଷ୍ମୀଙ୍କୁ ପୂଜା କରୁଥିଲେ।

ଭକ୍ତକବି ବଳରାମ ଦାସ ମହାପ୍ରଭୁ ଜଗନ୍ନାଥଙ୍କର ଚରିତ୍ର ଓ ଚରିତ ବର୍ଣ୍ଣନାକରି ଏହି ଲକ୍ଷ୍ମୀପୁରାଣ ନାମକ ଅଭିନବ ଗ୍ରନ୍ଥ ରଚନା କରିଛନ୍ତି। ଏହା ସମାଜରେ ପ୍ରଚଳିତ ଦୁଇଟି ଘୃଣ୍ୟ ଏବଂ ନିନ୍ଦନୀୟ ପ୍ରଥା :

ନାରୀ ଦୁର୍ଦ୍ଦଶା ଏବଂ ଛୁଆଁ, ଅଛୁଆଁ ବରୁଦ୍ଧରେ ଏକ ସଂଗ୍ରାମ ନିମନ୍ତେ ଅଭିଯାନ। ନାରୀକୁ ସମ୍ମାନ ଦିଅ; ସମାଜରୁ ଛୁଆଁ ଅଛୁଆଁର ଜାତିଭେଦ ଉଠା। ଏହାହିଁ ଏହାର ସ୍ଲୋଗାନ। ଏହାକୁ ଆଧାର କରି ଲକ୍ଷ୍ମୀପୂରାଣର କାହାଣୀଟି ଏହିପରି ବର୍ଣ୍ଣିତ ହୋଇଛି: ମାଣବସା ଗୁରୁବାର ଦିନ ମା' ଲକ୍ଷ୍ମୀ ପ୍ରାତଃ କାଳରୁ ମନ୍ଦିର ଛାଡ଼ି ନଗର ମଧ୍ୟରେ ପହଞ୍ଚିଛନ୍ତି। ସେ ପ୍ରତିଘର ବୁଲି ତାଙ୍କ ପୂଜା ଦେଖୁଛନ୍ତି। ଶେଷରେ ସେ ଶ୍ରୀୟା ଚଣ୍ଡାଳୁଣୀ ପୂଜା ଓ ଭକ୍ତିରେ ପ୍ରୀତ ହୋଇ ତାକୁ ବରା ଯାଚିଛନ୍ତି: "ପୁଲକ ଭରେ ଲକ୍ଷ୍ମୀ ଦେବୀ ବୋଇଲେ; ଆଲୋ ଶ୍ରିୟା, ମୋହରି ପୂଜା କରିବା ପାଇଁ ତୋହର ଅଛି ହିୟା। ଆଶିଷ ଏବେ ଦେଉଛି ମୁହିଁ, ସକଳ ଶ୍ରୀ ଲଭିବୁ ତୁହି, ସୁଖରେ ଘର ଦୁଆର କରି; ରହିବୁ ମହାସୁଖେ/ଧରଣୀ ତଳେ କାଟିବୁ ଦିନ; ହରଷ କର ବୁକେ॥"

*-ଶ୍ରୀୟା ଚଣ୍ଡାଳୁଣୀ, ଶାମୁକାର ସ୍ୱପ୍ନ*

ଏହି ସମୟରେ ବଳରାମ ଓ ପ୍ରଭୁ ଜଗନ୍ନାଥ ମୃଗୟାରୁ ସେହି ପଥଦେଇ ଫେରିଲାବେଳେ ତାଙ୍କୁ ଦେଖିଥିଲେ। ଏଣୁ ମନ୍ଦିର ବାହୁଡ଼ନ୍ତେ ବଳରାମ ଜଗନ୍ନାଥଙ୍କୁ କହିଲେ, ଲକ୍ଷ୍ମୀ ଅଛବ ଘରେ ବିଜେ କରିଥିଲା। ସେ ଜାତି ଅଜାତି ନମାନି ଯେଣେ ତେଣେ ପଶିଯାଉଛି ଏବଂ ଏପଟେ ଆସି ଶ୍ରୀ ମନ୍ଦିରକୁ ମଙ୍ଗୁଳି ଚାଲିଛି। ଲକ୍ଷ୍ମୀଙ୍କୁ କ୍ଷମା ନାହିଁ। ତାକୁ ମନ୍ଦିର ପ୍ରବେଶ ନିଷେଧ କରେ। ଜଗନ୍ନାଥ ସେହି କଥା ଲକ୍ଷ୍ମୀଙ୍କୁ ଶୁଣାଇଦେଲେ। ଲକ୍ଷ୍ମୀ ଏନେଇ ଜଗନ୍ନାଥ ଓ ବଳରାମଙ୍କ ସହିତ ତାଙ୍କ ପୂର୍ବ ଜନ୍ମର ଚରିତକୁ ବାଖ୍ୟାକରି ଜାତିଅଜାତିର ସଂଜ୍ଞା ବୁଝାଇଦେଲେ। ପୁନଶ୍ଚ ଅନୁନୟ ଓ ବିନୟ କଲେ। ତଥାପି ତାଙ୍କ ଯୁକ୍ତିକୁ ଗ୍ରହଣ କରାଗଲା ନାହିଁ। ତାଙ୍କୁ ମନ୍ଦିରରୁ ବିଦାକୀ କରାଗଲା। ଏଣୁ ଲକ୍ଷ୍ମୀ ଅଭିଶାପ ଦେଲେ:

***"ଯେବେ ଚନ୍ଦ୍ର ସୂର୍ଯ୍ୟ ହୁଅନ୍ତି ଆତଯାତ, ବୁଲିବୁଲି ମୁଠେ ତୁମେ ନପାଇବ ଭାତ। ଭିକ ମାଗିଲେ ତୁମ୍ଭଙ୍କୁ ଭିକ ନମିଳିବ, ରଙ୍କପରି ବୁଲିବୁଲି ଦରିଦ୍ର ହୋଇବ॥ ମୁଁ ଚଣ୍ଡାଳୁଣି ଯେବେ ତୋଳି ଦେବି ଭାତ, ତେବେ ସେ ଭୁଞ୍ଜିବ ହେ, ତ୍ରୈଲୋକର ନାଥ।"***

ଏହି ପଂକ୍ତିଗୁଡ଼ିକରେ ମହାଲକ୍ଷ୍ମୀଙ୍କର ଅନ୍ତରାଳରେ ଉତ୍କଳୀୟ ନାରୀର ମନୋଭାବନା ଫୁଟାଇ କବି ବଳରାମ ଦାସ, ତତ୍‌କାଳୀନ ସମାଜର ଏକ ବିଦ୍ରୋହ ବହ୍ନିର ପ୍ରଜ୍ୱଳନ କରିଛନ୍ତି।

ଏହାପରେ ମହାଲକ୍ଷ୍ମୀ ବିଶ୍ୱକର୍ମାଙ୍କୁ ନିର୍ଦ୍ଦେଶ ଦେଇ ଏକ ସ୍ୱତନ୍ତ୍ର ସୁରମ୍ୟ ନବର ସମୁଦ୍ର କୂଳରେ ପ୍ରତିଷ୍ଠା କରି ରହିଛନ୍ତି। ବେତାଳମାନଙ୍କୁ ନିର୍ଦ୍ଦେଶ ଦେଇ ଶ୍ରୀ ମନ୍ଦିରକୁ ଶୂନ୍ୟ କରିଦେଇଛନ୍ତି। ଦୁଇ ଭାଇ ଲକ୍ଷ୍ମୀଛଡ଼ା ହୁଅନ୍ତେ, ଦାସଦାସି, ପଣ୍ଡା, ପଢ଼ିହାରୀ ଏବଂ ଅନ୍ୟମାନେ ପ୍ରଭୁଙ୍କର ସେବା ବନ୍ଦ କରିଦେଲେ। ଶେଷକୁ ବଳରାମ ଓ ଜଗନ୍ନାଥ ପଥର ଭିକାରୀ ପାଲଟିଗଲେ। ଅନ୍ନଜଳ କିଛି ମିଳିଲା ନାହିଁ। ପାଇବା ପଦାର୍ଥ ଉଭାନ ହେଲା। ପରିଶେଷରେ ଭୋକିଲା ଦୁଇଭାଇ ଲକ୍ଷ୍ମୀଙ୍କ ନଗରରେ ପହଞ୍ଚିଲେ। ତଥାପି ଜାତିର ଘୃଣ୍ୟମନ୍ୟତା ମନରୁ ଯାଇନାହିଁ। ରୋଷେଇ କରି ଖାଇବେ ବୋଲି କହିଲେ। ତାଙ୍କୁ ସବୁ ଯୋଗାଇ ଦିଆଗଲା ଅଥଚ ଚୁଲି ଜଳିଲା ନାହିଁ। ଏବେ ପାଟିରୁ ଫିଟିଲା : ଜାତି ପଛେ ଯାଉ ତା'ର ଘରେ ଖାଉ ଭାତ।

ଏଥର ଲକ୍ଷ୍ମୀ ନିଜେ ତାଙ୍କୁ ଅଭ୍ୟର୍ଥନା କଲେ। ସେମାନଙ୍କର ଚିହ୍ନ ପରିଚନ ହେଲା। ଦୁଇଭାଇ ତାଙ୍କୁ ମନ୍ଦିରକୁ ଫେରିବାକୁ ଅନୁରୋଧ କଲେ। ଏଥିକୁ ଲକ୍ଷ୍ମୀ ଅଭିମାନ କରି କହିଲେ :

"କମଳିନୀ ବୋଲୁଛନ୍ତି ଆଉ କାହିଁ ପାଇଁ, ଯେତେବେଳେ ତୁମେ ମୋତେ ଦେଲ ଘଉଡ଼ାଇ। ଏବେ ମୁଁ ଯେ ନଆସଇ ବିଜେ କର ତୁମେ, ଗୋବିନ୍ଦ ବୋଇଲେ : ଦୋଷ କରିଅଛୁ ଆମ୍ଭେ॥"

ଏଥିକୁ ମହାଲକ୍ଷ୍ମୀ ଉତ୍ତରିଲେ: "ପ୍ରଭୁହେ ତୁମ୍ଭ ଆଦେଶ ପାଇ ଦେଉଳ ଛାଡ଼ିଥିଲି, ପୁଣି ଏ ତୁମ ଆଦେଶ ପାଇ ଯିବି ମୁଁ ଯିବି ଫେରି॥ ମାତର ଦେବ ଗୋଟିଏ ଅଳି କୁହତ ଏବେ ବିଚାର କରି, ସେ ଯେଉଁ ପୂଜାରେ ମୋତେ ଘରକୁ ନେଲା ଟାଣି, ତାହାର କଥା କ'ଣ ଭଲା ବୁଝୁଛ ମହାମାନୀ॥"

ଉତ୍ତରରେ ପ୍ରଭୁ ଜଗନ୍ନାଥ କହିଲେ : ଶ୍ରୀୟାର କରେ ତୁମେ ତ' ଦାନ ଦେଇଛ ଭରପୂର, ଶ୍ରୀୟାର ଯୋଗେ ଉଦ୍ଧରିବେ ଏବେ ତା' ଜାତିକୂଳ। ଏଣିକି ଆମ ଦେଉଳେ ଜାଣ ସଭିଏଁ ହେବେ ଏକଇ ପ୍ରାଣ, ଦେଉଳେ ଥିଲା ଯେ ଭେଦଭାଦ ଏଥର ହେଲା ରଦ, ଚଣ୍ଡାଳର ହାତରୁ ଦ୍ୱିଜ, ଖାଇବେ ମହାରଦ॥

*- ଶ୍ରୀୟା ଚଣ୍ଡାଳୁଣୀ : ଶାମୁକାର ସ୍ୱପ୍ନ॥*



ତେବେ ଏତିକି ନୁହେଁ, ଶ୍ରୀ ମନ୍ଦିରରୁ ଛୁଆଁ, ଅଛୁଆଁ ଦୂର କରିବା ସଂଗେ ସଂଗେ ସମାଜର ଗୃହିଣୀମାନଙ୍କ ମଧ୍ୟରେ ଆଶ୍ୱାସନା ବାଣୀ ଶୁଣାଇବା ଥିଲା ବଳରାମ ଦାସଙ୍କ ଉଦ୍ଦେଶ୍ୟ। 'ନାରୀ ଜାଗରଣ' ତଥା 'ଅସ୍ପୃଶ୍ୟତା ନିବାରଣ' ଏ ଦୁଇଟି ବିଷୟରେ ଆମେ ଗୁରୁତ୍ୱ ଦେଉଥିବା ବେଳେ, ଓଡ଼ିଶାର ଗଣକବି ବଳରାମ ଦାସ ଆଜକୁ ଦୀର୍ଘ ୪୦୦ବର୍ଷ ପୂର୍ବରୁ ଏ ସଂପର୍କରେ ପୁସ୍ତକ ରଚନା କରି ସଂଗ୍ରାମ କରିବା ସହ ଜନଜାଗରଣ ଏବଂ ସାମାଜିକ ଚେତନା ସୃଷ୍ଟି କରିପାରିଥିଲେ। ତେବେ ଦୁଃଖ ଯେ ସାଂପ୍ରତିକ ରାଜନୀତିରେ ଏ ଜାତି ରାଜନୀତି ଖୁବ୍ ଜୋରଦାର୍। ଏଠି ଆଉ ଜାତିଭେଦ ଦୂର ହେବ କିପରି? ଏବେ ଜାତିକୁ ଯିଏ ଯୋଉ ସ୍ତରରେ ଅଛି ସେହି ସ୍ତରରେ ରଖି, ସଂରକ୍ଷଣ ନାଁରେ ଭୋଟ ମଗାଚାଲିଛି। ଏଣୁ ଦୁଃଖର ସହିତ କୁହାଯାଇପାରେ: ସମ୍ବିଧାନେ ଉଠେ ଜାତି/କରତି ଦେଉଛି ଛାତି॥ ଏବେବି ଆମେ ଅନ୍ଧତ୍ୱ ଏବଂ କୁସଂସ୍କାର ଭିତରେ ବୁଡ଼ି ରହିଛୁ। ଆମେ ଏ ମଣିଷ ଜାତିକୁ ଶତଧା ବିଭକ୍ତ କରି ଦୂରେଇ ଚାଲିଛୁ॥ ଏ ଦୃଷ୍ଟିରୁ ବିଚାରକଲେ ଲକ୍ଷ୍ମୀପୂଜା ଏବଂ ଲକ୍ଷ୍ମୀ ପୁରାଣର ମାନେ କିଛି ନାହିଁ। ତେବେ ଯାହାହେଉ, ଶ୍ରୀ ଜଗନ୍ନାଥଙ୍କ ସାହିତ୍ୟ ଭଣ୍ଡାରରେ 'ଲକ୍ଷ୍ମୀପୁରାଣ'ଟି ବଳରାମ ଦାସଙ୍କର ଏକ ମହାର୍ଘ ରତ୍ନ। ଏ ରତ୍ନକୁ ଠିକ୍ ବୁଝିପାରିଲେ ବୋଧହୁଏ ଆମ୍ଭମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ଦୂରତ୍ୱ ଅପସରି ଯିବ।

**ବିପିନବିହାରୀ ମହାନ୍ତି**
*ବିକାଶ ନଗର, ଜଟଣୀ, ଖୋର୍ଦ୍ଧା।*
*ମୋ: ୯୯୩୮୩୪୪୧୩୮*

## ଗ୍ରାମାଞ୍ଚଳ ଜଳ ଯୋଗାଣ କର୍ମଚାରୀ ମହାସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର




କେନ୍ଦ୍ରାପଡ଼ା (ପିଏନ୍): ଏସ.ଇ.ଏମ. ଓ ଗ୍ରାମାଞ୍ଚଳ ଜଳ ଯୋଗାଣ କର୍ମଚାରୀ ମହାସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ୮ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସେମାନଙ୍କ ଦାବିଗୁଡିକ ମଧ୍ୟରେ ଏସ.ଇ.ଏମ୍. ପଦବୀ ଉଚ୍ଛେଦ କରାଯାଇ ସେମାନଙ୍କୁ ଗ୍ରାମ୍ୟ ଜଳ ଯୋଗାଣ କର୍ମଚାରୀର ମାନ୍ୟତା ପ୍ରଦାନ, କୁଶଳୀ, ଅତିକୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ କର୍ମଚାରୀଙ୍କ ଭଳି ସେମାନଙ୍କୁ ଦରମା ପ୍ରଦାନ, ସମାନ କାମକୁ ସମାନ ଦରମା ଆଧାରରେ ସେମାନଙ୍କୁ ଦରମା ପ୍ରଦାନ, ସରକାରୀ ଚାକିରୀ କରିବା ଅବଧି ପୂରଣ ହୋଇସାରିଥିବା କର୍ମଚାରୀମାନଙ୍କ ପାଇଁ ୫ବର୍ଷ ବୟସ ସୀମା କୋହଳ କରାଯିବା, ଦଶବର୍ଷର ପୂର୍ବ ବକେୟା ରାଶି ପ୍ରଦାନ କରାଯିବା, କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁ ହେଲେ ସେମାନଙ୍କୁ ୨୦ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବା, ମୃତକଙ୍କ ପରିବାରର ଜଣେ ବ୍ୟକ୍ତିଙ୍କୁ ସେହି ସଂସ୍ଥାରେ ନିଯୁକ୍ତି ପ୍ରଦାନ, ଜଳ ଯୋଗାଣ କର୍ମଚାରୀମାନଙ୍କୁ ବୃହତ ଜଳଯୋଗାଣ ପ୍ରକଳ୍ପରେ ନିଯୁକ୍ତି ପ୍ରଦାନ ପ୍ରଭୃତି ଦାବି ରହିଛି । ସଂଘର ଜିଲ୍ଲା ସଭାପତି ନୟନକିଶୋର ମଲ୍ଲିକ, ସମ୍ପାଦକ ସନାତନ ମଲ୍ଲିକ ଓ ଅନ୍ୟମାନେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେମାନେ କହିଛନ୍ତି ଯେ ଏହିସବୁ ଦାବି ପୂରଣ ପାଇଁ ସେପ୍ଟେମ୍ବର ୨୫ତାରିଖଠାରୁ ଗ୍ରାମୀଣ ଜଳ ଯୋଗାଣ କର୍ମଚାରୀ ମହାସଂଘ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ପାଖ ଲୋୟର ପି.ଏମ୍.ଜି ଗାନ୍ଧୀ ମାର୍ଗରେ ଧାରଣା ଦିଆଯାଇଛି । ରାଜ୍ୟ ସରକାର ଏହି ଦାବିଗୁଡିକ ପୂରଣ କରିବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ଏବଂ ଜିଲ୍ଲାସ୍ତରରେ ଆନ୍ଦୋଳନ ଜାରିରହିବ ।

## ବାଳକାଟୀ ମେଡିକାଲ୍‌ରୁ ବାଇକ୍ ଚୋରି

ବାଲିଅନ୍ତା (ପିଏନ୍): ରାଜଧାନୀ ଭୁବନେଶ୍ୱର ଉପକଣ୍ଠସ୍ଥ ବାଲିଅନ୍ତା ଥାନା ଅଂଚଳରେ ଦିନକୁ ଦିନ ଚୋରି ଡକାୟତି ବଢିବାରେ ଲାଗିଛି । ନିଶା କାରବାର ବଢିବା କାରଣରୁ ଯୁବପିଢିମାନେ ଚୋରି ଡକାୟତି କରୁଥିବା ଦେଖିବାକୁ ମିଳୁଛି । ବାଳକାଟି ଫାଣ୍ଡି ଅଧିନସ୍ଥ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରୁ ହିରାପୁର ଦଳିତ ସାହିର କାହ୍ନୁ ଦାସ ନାମକ ଯୁବକ ନିଜ ବାପାଙ୍କୁ ନେଇ ମେଡିକାଲ ଆସିଥିଲେ । ସେ ମେଡିକାଲ ଭିତରେ ନିଜ ବାପାଙ୍କ ଚିକିତ୍ସା କରିବା ସମୟରେ କେହି ଦୁର୍ବୃତ ତାଙ୍କ ଆପାଚୀ ଗାଡି ନଂ ଓଡି ୦୨ଏୟୁ ୨୨୧୦କୁ ଚୋରୀ କରି ନେଇ ଯାଇଛନ୍ତି । ସେ ବହୁ ଖୋଜାଖୋଜି କରି ନ ପାଇବାରୁ ବାଳକାଟି ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଫାଣ୍ଡି ଅଧିକାରୀ ମମ୍‌ତାଜ୍ ଅଲିଖାନ୍ ଘଟଣାସ୍ଥଳରେ ପଂହଚି ମେଡିକାଲର ସିସିଟିଭି ଭିଡିଓ ଦେଖି ତଦନ୍ତ ଜାରୀ ରଖିଛନ୍ତି। ମେଡିକାଲରେ ଏମିତି ଅନେକ ଥର ବାଇକ୍ ଚୋରୀ ହୋଇଥିବା ନଜିର ରହିଛି, ତେବେ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ପ୍ରବେଶ ପଥ ନିକଟରେ କର୍ତୃପକ୍ଷଙ୍କ ଦ୍ୱାରା ନିୟୋଜିତ ସିକ୍ୟୁରିଟି ଗାର୍ଡ ଉପସ୍ଥିତି ଥିବା ସମୟରେ କିପରି ଚୋରି ହେଲା ତାହା ଏବେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତୃପକ୍ଷଙ୍କ ଦାୟିତ୍ୱହୀନତା ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ତେବେ ବାଳକାଟି ଅଂଚଳ ଏବେ ଚୋର ଡକାୟତଙ୍କ ଏକୁଲିଶାଳ ପାଲଟିଛି । ବହୁ ରୋଗୀ ସାମାନ୍ୟ କ୍ଷତ ହେଲେ ମଧ୍ୟ ସେମାନଙ୍କୁ କ୍ୟାପିଟାଲ ମେଡିକାଲ ପଠାଯାଉଥିବା ଅଭିଯୋଗ ହେଉଛି । ବାଳକାଟି ମେଡିକାଲରେ ଅଭିଜ୍ଞ ଡାକ୍ତର ନାହାନ୍ତି, ଯାହାଫଳରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମେଡିକାଲ କର୍ତୃପକ୍ଷ ବହୁ ଅର୍ଥ ଖର୍ଚ୍ଚ କରି ଯନ୍ତ୍ରାଂଶ କ୍ରୟ କରିଥିଲେ ମଧ୍ୟ ଏହା କୌଣସି କାମରେ ଆସୁନାହିଁ ।

## କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳିତ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ସମର ଶିକ୍ଷାର୍ଥୀ ବାହିନୀର ୭୩ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡଃ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ସମର ଶିକ୍ଷାର୍ଥୀ ବାହିନୀ ପତକା ଉତ୍ତୋଳନ କରି କ୍ୟାଡେଟମାନଙ୍କର ପ୍ୟାରେଡ ନୀରିକ୍ଷଣ କରିଥିଲେ । ସକାଳ ୮ଟା ସମୟରେ କ୍ୟାଡେଟ ମାନେ ମହାବିଦ୍ୟାଳୟ କ୍ୟାମ୍ପସ ସଫେଇ କରିଥିଲେ । ୧୦ଟାରେ ଅଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସିନିୟର ଡିଭିଜନ ଆସୋସିଏଟ ଏନ୍‌ସିସି ଅଫିସର ମେଜର ମନୋରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ପ୍ରାଧ୍ୟାପକ ରଞ୍ଜିତ କୁମାର ଦାସ ତାଙ୍କ ଉଦ୍‌ବୋଧନରେ କ୍ୟାଡେଟମାନଙ୍କ ଶୃଙ୍ଖଳତାକୁ ଭୁରିଭୁରି ପ୍ରଶଂସା କରିଥିଲେ । ସିନିୟର ଡିଭିଜନର ସିନିୟର ଅଣ୍ଡର ଅଫିସର ଗୁରୁଚରଣ ପ୍ରଧାନ ଓ ସିନିୟର ଉଇଙ୍ଗର ସିନିୟର ଅଣ୍ଡର ଅଫିସର ସୁଚରିତା ପରିଡା ଏନ୍‌ସିସିରେ ନିଜର ଅନୁଭୂତି ଓ ଅଭିଜ୍ଞତାକୁ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ । ଅଧ୍ୟକ୍ଷ ତାଙ୍କ ବକ୍ତବ୍ୟରେ ଏକତା ଓ ଶୃଙ୍ଖଳତା ଉପରେ ଆଲୋକପାତ କରି ଦେଶର ସେବା ଆମ ଜୀବନର ମୁଖ୍ୟ ଲକ୍ଷ୍ୟ ରହୁ ବୋଲି କ୍ୟାଡେଟମାନଙ୍କ ଉଦ୍ଦେଶ୍ୟରେ କହିଥିଲେ । ଏସ୍‌ୟୁଓ ଗୁରୁଚରଣ ପ୍ରଧାନ, ଏସ୍‌ୟୁଓ ସୁଚରିତା ପରିଡା, ଜେୟୁଓ ଶୁଭେନ୍ଦୁ ଜେନା, ଜେୟୁଓ ଅଭିଜିତ ଜେନା, ଜେୟୁଓ ପୂର୍ଣ୍ଣିମା ଜେନା, ଜେୟୁଓ ପ୍ରୀତିପଦ୍ମା ଆଚାର୍ଯ୍ୟଙ୍କୁ ଅଧ୍ୟକ୍ଷ ପୁରସ୍କୃତ କରିଥିଲେ । ପରିଶେଷରେ ଲେଫ୍ଟନାଣ୍ଟ ସୀମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । କ୍ୟାଡେଟ ନିକିତା, କ୍ୟାଡେଟ ସାନୀୟା ମଞ୍ଚ ପରିଚାଳନା କରିଥିଲେ । ଶେଷରେ କ୍ୟାଡେଟମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।




## ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଭତ୍ତା ପାଇଁ ଅଡିସନ ଟେଷ୍ଟ୍ (ସାମର୍ଥ୍ୟ ପରୀକ୍ଷା)

କେନ୍ଦୁଝର,(ପ.ଏନ):ଓଡିଶା ସରକାରଙ୍କ ତମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାନ୍ତରେ ଭତା ପାଇଁ ତାଲିକା ଚୂଡାନ୍ତ ନିମନ୍ତେ ଆବେଦନ କରିଥିବା କଳାକାରମାନଙ୍କର ଅଡିସନ୍ ଟେଷ୍ଟ୍ (ସାମର୍ଥ୍ୟ ପରୀକ୍ଷା) କରାଯିବ । ରାଜ୍ୟ ଓଡିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାର୍ଗଦର୍ଶିକା ତଥା କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକରେଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲାରେ ପ୍ରତି ବ୍ଲକ୍ / ମ୍ୟୁନିସିପାଲିଟି/ଏନ୍.ଏ.ସି. ସ୍ତରରେ ଚଳିତ ତା ୧୯.୧୨.୨୦୨୧ ରିଖ ସୁଦ୍ଧା ଅଡିସନ୍ ଟେଷ୍ଟ୍ ଶେଷ କରିବାକୁ ଜିଲ୍ଲାପାଳ କେନ୍ଦୁଝର ଜିଲ୍ଲାର ସମସ୍ତ ବିଡିଓ / ମ୍ୟୁନିସିପାଲିଟି / ଏନ୍.ଏ.ସି.ର ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାସ୍ତରରେ ମିଳିଥିବା ଆବେଦନ ପତ୍ରଗୁଡିକର ପ୍ରାରମ୍ଭିକ ଯାଂଚ କରାଯାଇ ତଥ୍ୟ ସହ ବୈଧ କଳାକାର ତାଲିକା ସଂପୃକ୍ତ ବିଡିଓ / ମ୍ୟୁନିସିପାଲିଟି ଓ ଏନ୍.ଏ.ସି.ର ନିର୍ବାହୀ ଅଧିକାରୀଙ୍କ ନିକଟକୁ ପଠାଯାଇଛି ଏବଂ ଜିଲ୍ଲା ୱେବ୍‌ସାଇଟ୍ www.kendujhar.nic.in ରେ ଅପ୍‌ଲୋଡ୍ କରାଯାଇଛି । ବିଡିଓ / ମ୍ୟୁନିସିପାଲିଟି /ଏନ.ଏ.ସି.ର ନିର୍ବାହୀ ଅଧିକାରୀମାନେ ବିଭିନ୍ନ କଳାକ୍ଷେତ୍ରରେ ଦକ୍ଷତା / ଅଭିଜ୍ଞତା ଥିବା ନିର୍ବିବାଦୀୟ ବ୍ୟକ୍ତିବିଶେଷଙ୍କୁ ଚୟନ କର୍ତ୍ତା ଭାବେ ନିଯୋଜିତ କରି ଅଡିସନ୍ ଟେଷ୍ଟ୍ ଦିନ ପ୍ରଦତ ତାଲିକାରେ ଉଲ୍ଲିଖିତ ତଥ୍ୟ ଆଧାରରେ କଳାକାରମାନଙ୍କର ଓରିଜିନାଲ୍ ବୟସ ପ୍ରମାଣ ପତ୍ର, ବାସସ୍ଥାନ ପ୍ରମାଣ ପତ୍ର, ଆୟ ପ୍ରମାଣପତ୍ର, ଆଧାର କାର୍ଡ, ଭୋଟର ପରିଚୟ ପତ୍ର, କଳାକାର ପ୍ରମାଣ ପତ୍ର ଯାଂଚ କରାଇବା ସହିତ କଳାକାରମାନଙ୍କର ଅଡିସନ୍ ଟେଷ୍ଟ୍ (ସାମର୍ଥ୍ୟ ପରୀକ୍ଷା) କରି ଯୋଗ୍ୟ କଳାକାର ଚୟନ କରି ତାଲିକା ଜିଲ୍ଲା କାର୍ଯ୍ୟାଳୟକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ସବିଶେଷ ସୂଚନା ତଥା ଅଡିସନ ଟେଷ୍ଟ ପାଇଁ ତାରିଖ, ସ୍ଥାନ ଓ ସମୟ ଜାଣିବା ପାଇଁ ସଂପୃକ୍ତ ବ୍ଲକ / ମ୍ୟୁନିସିପାଲିଟି / ଏନ.ଏ.ସି. କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ବୈଧ ତାଲିକାଭୁକ୍ତ କଳାକାର ମାନଙ୍କୁ ସୂଚାଇ ଦିଆଯାଉଛି ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ଜଣାଇଛନ୍ତି ।

## ଏକର ପିଛା ଧାନ ଫସଲ ପାଇଁ ୨୦ହଜାର ଓ ଅର୍ଥକାରୀ ଫସଲ ପାଇଁ ୨୫ହଜାର ଦିଅ : ଓଡିଶା କୃଷକ ସଭା

କେନ୍ଦ୍ରାପଡ଼ା,(ପି.ଏନ): ଜୱାଦ ଜନିତ ଲଗାଣ ବର୍ଷାରେ କେନ୍ଦ୍ରାପଡା ଜିଲ୍ଲାରେ ବ୍ୟାପକ ଫସଲହାନୀ ଘଟିବା ଯୋଗୁଁ ଚାଷୀକୂଳ ମୁଣ୍ଡରେ ହାତ ଦେଇ ବସିଛି। କୃଷକ ସର୍ବଶାନ୍ତ ହେବା ସହିତ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯାଇଛି। ସାରା ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଡିସେମ୍ବର ୧୬ତାରିଖ ସୁଦ୍ଧା ଫସଲ କ୍ଷୟକ୍ଷତିର ତଦନ୍ତ କରିବା ପାଇଁ ରାଜସ୍ବ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ବାସ୍ତବ କଥା ହେଉଛି ଏପର୍ଯ୍ୟନ୍ତ ଶତକଡା ୨୦ପ୍ରତିଶତ ତଦନ୍ତ ମଧ୍ୟ ହୋଇନାହିଁ। ଜିଲ୍ଲା ପ୍ରଶାସନ କାଗଜ କଲମରେ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଉଦ୍ୟମ କରୁଛି। ରାଜସ୍ବ ନିରୀକ୍ଷକମାନେ ଜମିଜମାର ପ୍ରକୃତ ଅଞ୍ଚଳ ଗସ୍ତ କରୁନାହାନ୍ତି। ଏଥିସହିତ ଜିଲ୍ଲା ପ୍ରଶାସନ ଆନୁମାନିକ ୩୩ ପ୍ରତିଶତ କ୍ଷୟକ୍ଷତି ଜିଲ୍ଲାରେ ହୋଇଥିବା ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଯାହାକି ସମ୍ପୂର୍ଣ୍ଣ ଅସତ୍ୟ ଅଟେ। ଏଥିସହିତ ଏକର ପିଛା ଏକ ତୃତୀୟାଂଶ ରାଜ୍ୟ ବିପର୍ଯ୍ୟୟ ପାଣ୍ଠିରୁ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି।

## ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଓଡ଼ିଆ ବିଭାଗ ପକ୍ଷରୁ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ



ବାରିପଦା, (ପି.ଏନ): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଓଡ଼ିଆ ସମ୍ମାନରେ ନୂତନ ଭାବେ ଯୋଗ ଦେଇଥିବା ଛାତ୍ରଛାତ୍ରୀମାନଙ୍କୁ ସେହି ବିଭାଗର ତୃତୀୟ ବର୍ଷର ଛାତ୍ରଛାତ୍ରୀମାନେ ଉପହାର ଦେଇ ସ୍ୱାଗତ କରିଛଁ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ଭବିଷ୍ୟତରେ କିଭଳି ଭଲ ମଣିଷ ହୋଇ ପାରିବେ, ତାହା ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ମଦନ ମୋହନ ସାହୁ, ସବିତାରାଣୀ ଦାସ, ମୀରା ସେନାପତି, ବିଜୟା ନାୟକ, ସାଗରୀକା ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀମାନେ ସେମାନଙ୍କର ଲକ୍ଷ୍ୟ ନିଜେ ସ୍ଥିର କରିବା ସହିତ କଠିନ ପରିଶ୍ରମ କରିବାର ଆବଶ୍ୟକତା ରହିଛି, ତାହା ହୋଇ ପାରିଲେ ନିଜର ଲକ୍ଷ୍ୟ ପୂରଣ କରିବା ସହିତ ସମାଜ ପାଇଁ କିଛି କରିବାର ସୁଯୋଗ ଛାତ୍ରଛାତ୍ରୀମାନେ ପାଇ ପାରିବେ । ବିଭାଗୀୟ ଅଧ୍ୟାପିକା ତୃପ୍ତି ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅନ୍ୟତମ ବିଭାଗୀୟ ଓଡ଼ିଆ ଅଧ୍ୟାପିକା ଜ୍ୟୋର୍ତିମୟୀ ଗିରି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱାଗତ ଉତ୍ସବ ପରେ ଛାତ୍ରଛାତ୍ରୀ ଓ ବିଭାଗୀୟ ଅଧ୍ୟାପିକାମାନେ ଏକ ବଣଭୋଜିର ଆୟୋଜନ କରିଥିଲେ । ଯେଉଁଥିରେ ଅନ୍ୟ ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗ ଦେଇଥିଲେ ।

## ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଓ ଅନ୍ୟ କଂଗ୍ରେସ ନେତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ପୋଲିସ କମିଶନରଙ୍କ କାର୍ଯ୍ୟାଳୟରେ ଅଟକ



ଭୁବନେଶ୍ୱର,(ପି.ଏନ): ଆଜି କଳିଙ୍ଗ ଷ୍ଟାଡିୟମରେ କ୍ରୀଡ଼ାଭିର୍ତିଭୂମି ପ୍ରୋଜେକ୍ଟର କାର୍ଯ୍ୟ ଦେଖିବା ପାଇଁ ମୁଖ୍ୟମନ୍ତ୍ରୀ ଅପରାହ୍ନରେ ଗସ୍ତ କରିଥିଲେ। କଂଗ୍ରେସ ଭବନ ଭିତରେ ପୋଲିସର ଭଙ୍ଗାରୁଜା ଏବଂ ଛାତ୍ର କଂଗ୍ରେସ କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ଛାତ୍ର କଂଗ୍ରେସ ଏହି ଅଗଣତାନ୍ତ୍ରିକ କାଣ୍ଡ ଭିଆଇଥିବା ପୋଲିସଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିରେ ଅଟଳ ରହିଆସିଛି। ଆଜି ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ତାଙ୍କର ପଥ ଅବରୋଧ କରି ଛାତ୍ର କଂଗ୍ରେସ ମୁଖ୍ୟମନ୍ତ୍ରୀଙ୍କୁ ଏହି ଅନ୍ୟାୟର ଜବାବ ମାଗିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲା। ରାଜରାସ୍ତାରେ ଆଜି ମୁଖ୍ୟମନ୍ତ୍ରୀଙ୍କ ଗାଡ଼ିକୁ ଅଟକାଇ ପ୍ରଶ୍ନ କରାଯାଇଥାନ୍ତା। ହେଲେ ତା ପୂର୍ବରୁ କମିଶନରେଟ ପୋଲିସ ପକ୍ଷରୁ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜ, ପିସିସି ସାଧାରଣ ସଂପାଦକ ରଜତ ଚୌଧୁରୀ, ପ୍ରକାଶ ମିଶ୍ର, ରଣଜିତ ପାତ୍ର, ସାଗର ପଟ୍ଟନାୟକ, ଅବିନାଶ ନନ୍ଦ, ବାବୁ ଜେନା, ନଳିନୀ କାନ୍ତ ନାୟକ, ସଂକୁନା କହଁର ଓ କାର୍ତିକେଶ୍ୱର କାଣ୍ଡି ପ୍ରମୁଖଙ୍କୁ ପୋଲିସ ଉଠାଇ ନେଇ ଦେଢ଼ ଘଂଟା ପର୍ଯ୍ୟନ୍ତ ପୋଲିସ କମିଶନରେଟଙ୍କ କାର୍ଯ୍ୟାଳୟ ଭିତରେ ଅଟକ ରଖିଥିଲେ।

## ବେଦାନ୍ତ ଆଲୁମିନିୟମର ସଫଳତା କ୍ଷେତ୍ରରେ ଏହାର ଚମତ୍କାରି ମହିଳାଙ୍କ ଉଲ୍ଲେଖନୀୟ ଅବଦାନ

ଭୁବନେଶ୍ୱର: ବେଦାନ୍ତ ଲିମିଟେଡର ଆଲୁମିନିୟମ ଏବଂ ପାୱାର ବ୍ୟବସାୟର ସଫଳତା କ୍ଷେତ୍ରରେ କର୍ମଚାରୀମାନେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଂଟ୍ ସାଜିଛନ୍ତି। ସେମାନଙ୍କର ଯୋଗଦାନ କମ୍ପାନୀର ବିଭିନ୍ନ କ୍ଷେତ୍ରରେ ଅପରିହାର୍ଯ୍ୟ ହୋଇପଡ଼ିଛି। ବେଦାନ୍ତ ବିଶ୍ୱର ଅଗ୍ରଣୀ ପ୍ରାକୃତିକ ସମ୍ପଦ କମ୍ପାନୀ ଏବଂ ଭାରତର ବୃହତମ କମ୍ପାନୀ ଭାବେ ବେଶ୍ ପରିଚିତି ହାସଲ କରି ପାରିଛି। ବେଦାନ୍ତର ଆଲୁମିନିୟମ ଏବଂ ପାୱାର ବ୍ୟବସାୟ ହେଉଛି ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ଏବଂ ଘରୋଇ କ୍ଷେତ୍ରରେ ବୃହତମ ପାୱାର ଉତ୍ପାଦନକାରୀ କମ୍ପାନୀଗୁଡ଼ିକ ମଧ୍ୟରୁ ଅନ୍ୟତମ । ଏହାର ମୂଲ୍ୟଯୁକ୍ତ ଆଲୁମିନିୟମ୍ ଉତ୍ପାଦନଗୁଡିକ ଏରୋସ୍ପେସ୍ ଠାରୁ ଆରମ୍ଭ କରି ବିଦ୍ୟୁତିକରଣ ଆଦି ପ୍ରମୁଖ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଗ୍ରଣୀ କରିପାରିଛି। କମ୍ପାନୀର ବଜାର, ଗ୍ରାହକ ଏବଂ ବ୍ୟବସାୟ ବହୁବିଧ ତଥା ସଂଯୁକ୍ତ। ଏହାକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ, ବିଭିନ୍ନ ଦୃଷ୍ଟିକୋଣ, ଅଭିଜ୍ଞତା, ଦକ୍ଷତା ଏବଂ ଶିକ୍ଷା କ୍ଷେତ୍ରରୁ କର୍ମଚାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥାଏ। ଯାହାଦ୍ୱାରା କମ୍ପାନୀର ବ୍ୟବସାୟିକ ରଣନୀତି ବେଶ୍ ସଶକ୍ତ ହୋଇପାରିଛି। ସାଧାରଣତଃ ଉତ୍ପାଦନ ଏବଂ ଭାରି ଇନିୟରିଂ ସେଗମେଂଟ୍‌ରେ ମହିଳାଙ୍କ ନିଯୁକ୍ତି ସଂଖ୍ୟା କମ୍ ରହିଛି। ଧାତୁ ଏବଂ ଖଣି କ୍ଷେତ୍ରରେ ଏଭଳି ସମସ୍ୟା ଅଧିକ। ଏପରିସ୍ଥିଳେ ବେଦାନ୍ତର ଆଲୁମିନିୟମ୍ ଏବଂ ପାୱାର ବ୍ୟବସାୟରେ ବହୁ ଉଚ୍ଚଶିକ୍ଷିତ ମହିଳା ଧାତୁ ଉତ୍ପାଦନ, ପରିବହନ, ସିଭିଲ୍ ୱାର୍କ ଏବଂ ରେଳ ଭିତିଭୂମି ଠାରୁ ଆରମ୍ଭ କରି ଅର୍ଥ, ସୁରକ୍ଷା ଏବଂ ବିଭିନ୍ନ ସାମଗ୍ରୀ କ୍ରୟ କ୍ଷେତ୍ରରେ ବହୁ ସଂଖ୍ୟାରେ ସଫଳତାର ସହିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଓଡିଶାରେ ବେଦାନ୍ତର ପ୍ଲାଂଟ୍‌ରେ ଏକ ମହିଳା-ଅଗ୍ନିଶମ ଦଳ କାର୍ଯ୍ୟ କରୁଛନ୍ତି।ମହିଳାମାନଙ୍କ ପାଇଁ ଏକ ଅଣପାରମ୍ପରିକ କ୍ଷେତ୍ର ଭାବେ ବିବେଚନା କରାଯାଉଥିବା ବ୍ୟବସାୟ ପରିଚାଳନା କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଆଖି ଦୃଶିଆ ରହିଛି ଏବଂ ଦେଶର କେତେକ ଦୁର୍ଗମ ଅଂଚଳରେ ଉଚ୍ଚ ପ୍ରଶିକ୍ଷିତ ମହିଳା କର୍ମଚାରୀ ବେଶ୍ ସଫଳ ହୋଇପାରିଛନ୍ତି।ଏହି ପ୍ରସଙ୍ଗରେ ବେଦାନ୍ତ ଲିମିଟେଡ୍‌ର ଆଲୁମିନିୟମ୍ ବ୍ୟବସାୟର ଡେପୁଟି ସିଇଓ ରାହୁଲ ଶର୍ମା କହିଲେ, ବେଦାନ୍ତ କାର୍ଯ୍ୟକ୍ଷେତ୍ରରେ କର୍ମଚାରୀଙ୍କ ପ୍ରତ୍ୟେକ ଭୂମିକାକୁ ଗୁରୁତ୍ୱ ପ୍ରଦାନ କରିଥାଏ। କମ୍ପାନୀ ପାରମ୍ପରିକ ଲିଙ୍ଗ ଭେଦକୁ ସ୍ୱୀକାର କରି ନ ଥାଏ। କମ୍ପାନୀର ଅପରେଶନ୍ ଏବଂ ରକ୍ଷଣାବେକ୍ଷଣ, ସୁରକ୍ଷା, ଆର୍ ଆଣ୍ଡ୍ ଡି ମାର୍କେଟିଂ, ଫାଇନାନ୍ସ ଏବଂ ମାନବ ସମ୍ବଳ, ଜନସମ୍ପର୍କ, କ୍ରେନ୍ ଏବଂ ସ୍ମେଲଟରର ପଟ୍ ଟେଣ୍ଡିଂ ମେସିନ୍ ଅପରେଟିଂ ଆଦି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିପାରିଛନ୍ତି। ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀଭାବେ ବେଦାନ୍ତ ଯୋଗ୍ୟତା, ଉତ୍କର୍ଷତା, ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା ଏବଂ ସର୍ବୋପରି ଏକ ଅଭିନବ ମନୋଭାବ ତଥା ସୃଜନଶୀଳତାକୁ ଗୁରୁତ୍ୱ ପ୍ରଦାନ କରିଥାଏ।

କମ୍ପାନୀର ଆଭିମୁଖ୍ୟକୁ ନିମ୍ନରେ ବର୍ଣ୍ଣନା କରାଯାଇଛି:

+ ମହିଳାମାନଙ୍କୁ କମ୍ପାନୀର ଅନ୍ୟ ସମସ୍ତ କର୍ମଚାରୀଙ୍କ ପରି, ସେମାନଙ୍କର ମନୋଭାବ ଏବଂ ଶିଖିବାର ଇଚ୍ଛା, ଶିକ୍ଷାଗତ ଏବଂ ବୈଷୟିକ ଯୋଗ୍ୟତା ଆଧାରରେ ନିଯୁକ୍ତି ପ୍ରଦାନ କରାଯାଇଥାଏ । ଏହା ପରେ ସେମାନଙ୍କୁ ବିଶ୍ୱସ୍ତରୀୟ ବିଶେଷଜ୍ଞ ମାନଙ୍କ ମାଧ୍ୟମରେ ସର୍ବୋତମ ତାଲିମ ଯୋଗାଇ ଦିଆଯାଇଥାଏ। ଯାହାଦ୍ୱାରା ସେମାନେ ବିଭିନ୍ନ ପର୍ଯ୍ୟାୟରେ ପରିକଳ୍ପିତ ଇକୋସିଷ୍ଟମ୍‌ରେ ସଫଳ ହେବାର ସମ୍ଭବନା ଅଧିକ ରହିଥାଏ।

+ ତୃତୀୟତଃ, ବେଦାନ୍ତରେ ନିଯୁକ୍ତ କର୍ମଚାରୀଙ୍କୁ ଚାକିରିର ନିଯୁକ୍ତି ସମ୍ପର୍କିତ କାର୍ଯ୍ୟଶୈଳୀର ବିଷୟବସ୍ତୁ ଏବଂ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଇଥାଏ। ଯାହାକି କମ୍ପାନୀର ଗୁପ୍ତ ପରିକଳ୍ପନା ପରି ମନେହୁଏ। ବାସ୍ତବରେ ଏହା କର୍ମଚାରୀଙ୍କୁ ଆକର୍ଷିତ କରିଥାଏ ଏବଂ ପ୍ରତିଭାର ବିକାଶ ପାଇଁ ଆବଶ୍ୟକ ସହାୟତା ଉପଲବ୍ଧ ହୋଇ ପାରିଥାଏ। ସଶକ୍ତିକରଣ ପାଇଁ ଭୂମିକା ପରିକଳ୍ପନା କରାଯାଇଥାଏ। ଏହା ସହିତ ସମ୍ପ୍ରତି ଆଲୁମିନିୟମ୍ ବ୍ୟବସାୟ ଏକ ଉଲ୍ଲେଖନୀୟ ମୋଡ଼ ଦେଇ ଗତି କରୁଛି। ତେଣୁ ଏହି କ୍ଷେତ୍ରରେ ବହୁ ନୂତନତ୍ୱ, କାର୍ଯ୍ୟଶୈଳୀର ନୂତନ ଉପାୟ, ପ୍ରକୃତ ବିବିଧତା ଏବଂ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ଷେତ୍ର ପାଇଁ ବିପୁଳ ସୁଯୋଗ ରହିଛି। ଯାହାକି ବହୁ ଅଜଣା ବିଷୟରେ ଶିକ୍ଷା ଏବଂ ବିଶ୍ୱସ୍ତରୀୟ ସର୍ବଶ୍ରେଷ୍ଠ କାର୍ଯ୍ୟଶୈଳୀ ସମ୍ପର୍କରେ ଅବଗତ କରାଇଥାଏ। ଯେହେତୁ କମ୍ପାନୀ କ୍ରମାଗତ ଭାବରେ ବିକାଶ ଧାରା ଜାରି ରଖିଛି, ତେଣୁ ନୂତନ ଉତ୍ପାଦର ବିକାଶ ଏବଂ ଏହାର କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରଣ ସହିତ ବେଦାନ୍ତର କାର୍ଯ୍ୟ-ସଂସ୍କୃତିରେ ଷ୍ଟାର୍ଟ ଅପ୍ ର ଉତ୍ସାହ ଏବଂ ବୃହତ ବିଶ୍ୱସ୍ତରୀୟ ସଂଗଠନ ଲକ୍ଷ୍ୟ ନେଇ କାର୍ଯ୍ୟ ଧାରା ଜାରି ରହିଛି। କମ୍ପାନୀର ଉତ୍ପାଦନ କାରଖାନା ଓଡିଶା ଏବଂ ଛତିଶଗଡ ଆଭ୍ୟନ୍ତରୀଣ ଅଂଚଳରେ ରହିଛି। ସେଠାରେ କାର୍ଯ୍ୟ କରୁଥିବା ମହିଳାମାନେ ଦକ୍ଷ, ଉଚ୍ଚାଭିଳାଷୀ ଏବଂ ସୁପରିଚାଳିତ। ସେମାନେ ମୁଖ୍ୟ କାର୍ଯ୍ୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି କମ୍ପାନୀର ବ୍ୟବସାୟିକ ଅଭିବୃଦ୍ଧିରେ ସହାୟକ ହୋଇପାରିଛନ୍ତି। ସେମାନଙ୍କ ଏଭଳି ଉଲ୍ଲେଖନୀୟ ଅବଦାନ ପାଇଁ ବେଦାନ୍ତ ଗର୍ବିତ ।ସିଭିଲ୍ ପ୍ରୋଜେକ୍ଟଗୁଡିକର ପରିଚାଳନାରେ ୧୪ ବର୍ଷରୁ ଅଧିକ ଅଭିଜ୍ଞତା ସହିତ ଜ୍ୟୋତି ଆର. କ୍ରିଷ୍ଣା ଓଡିଶାର ଝାରସୁଗୁଡାସ୍ଥିତ ବେଦାନ୍ତର ଆଲୁମିନିୟମ୍ କମ୍ପ୍ଲେକ୍ସରେ ସିଭିଲ୍ ୱାର୍କ ଇନଫ୍ରାଷ୍ଟ୍ରକଚର ଏବଂ ରେଳ ପ୍ରକଳ୍ପରେ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି। ଜ୍ୟୋତିଙ୍କ ଦୃଢ଼ ବିଶ୍ୱାସ ଯେ, ବେଦାନ୍ତର ବ୍ୟବସାୟରେ ପରିଚାଳନା ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। କମ୍ପାନୀ ଆଲୁମିନିୟମ ଉତ୍ପାଦନ କରିଥାଏ ଯାହାକି ଭାରତର ଆତ୍ମନିର୍ଭରଶୀଳତା ଲାଗି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସେ ଏବଂ ତାଙ୍କ ସହକର୍ମୀ ଦେଶ ସେବା ଲକ୍ଷ୍ୟ ନେଇ କାର୍ଯ୍ୟ କରିଥାନ୍ତି। ଯାହାଦ୍ୱାରା ଦେଶରେ ଯେଭଳି ଆଲୁମିନିୟମ୍ ଭଳି ଗୁରୁତ୍ୱପୂର୍ଣ୍ଣ କଂଚାମାଲର ଅଭାବ ପରିଲକ୍ଷିତ ହେବ ନାହିଁ । ଏହି ମିଶନ୍ ଲକ୍ଷ୍ୟ ବ୍ୟକ୍ତିଗତ ତଥା ଜଣେ ପେଶାଦାର କର୍ମଚାରୀ ଭାବେ ତାଙ୍କୁ ଉତ୍ସାହିତ କରିଥାଏ ବୋଲି ସେ କହୁନ୍ତି। ବେଦାନ୍ତର ଝାରସୁଗୁଡା ପ୍ଲାଂଟ୍ ବିଶ୍ୱର ସର୍ବ ବୃହତ ଆଲୁମିନିୟମ ସ୍ମେଲଟର ମଧ୍ୟରୁ ଅନ୍ୟତମ। ଏଠାରେ ଭାରତରେ ଉତ୍ପାଦିତ ହେଉଥିବା ଏକ ତୃତୀୟାଂଶରୁ ଅଧିକ ଆଲୁମିନିୟମ ଉତ୍ପାଦନ କରିଥାଏ। ବେଦାନ୍ତର ଆଲୁମିନିୟମ ବ୍ୟବସାୟର କୋଇଲା କ୍ରୟ ଏବଂ ଚୁକ୍ତିନାମା ମୁଖ୍ୟ ବସୁଧା ସିଙ୍ଘଲ, ଇଲେକ୍ଟ୍ରୋନିକ୍ସ ଇନଷ୍ଟ୍ରୁମେଂଟସନ୍ ଆଣ୍ଡ କଂଟ୍ରୋଲରେ ଇନିୟରିଂ ଡିଗ୍ରୀ ସମାପ୍ତ କରିବା ପରେ, ବହୁ ଉତ୍ପାଦନକାରୀ କମ୍ପାନୀର କ୍ୟାମ୍ପସ ପ୍ଲେସମେଂଟ ପରୀକ୍ଷା ଏବଂ ସାକ୍ଷାତକାରରେ ଯୋଗ ଦେଇଥିଲେ। ତେବେ ସେସବୁ ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ସମ୍ପୃକ୍ତ କମ୍ପାନୀ ବସୁଧାଙ୍କୁ ମନା କରିଦେଇଥିଲେ। କେବଳ ବେଦାନ୍ତ ଆଲୁମିନିୟମ ଏବଂ ପାୱାର ତାଙ୍କୁ ପ୍ଲେସମେଂଟ୍ ପ୍ରକ୍ରିୟା ଦେଇ ଯିବାକୁ ଉତ୍ସାହିତ କରିଥିଲେ। ତାଙ୍କ ସାମର୍ଥ୍ୟକୁ ହୃଦୟଙ୍ଗମ କରି ବେଦାନ୍ତ ପକ୍ଷରୁ ବସୁଧାଙ୍କୁ ରକ୍ଷଣାବେକ୍ଷଣ ଇନିୟର ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଉତ୍ପାଦନ ପ୍ରକ୍ରିୟାର ବିଭିନ୍ନ ଦିଗ ଜାଣିବା ପାଇଁ ବସୁଧାଙ୍କ ଆଗ୍ରହ ଯୋଗୁ ପରବର୍ତୀ ସମୟରେ ତାଙ୍କୁ ନିରାପତା ବିଭାଗରେ ନିଯୁକ୍ତି ମିଳିଥିଲା। ସୁରକ୍ଷା ହେଉଛି ବେଦାନ୍ତର ଶୀର୍ଷ ପ୍ରାଥମିକତା। ବସୁଧା ସଂଗଠନର ସୁରକ୍ଷାର ଗୁରୁତ୍ୱକୁ ଉପଲବ୍ଧି କରି ଦାୟିତ୍ୱପୂର୍ଣ୍ଣ ଭାବେ କାର୍ଯ୍ୟ କରିଥିଲେ। ବେଦାନ୍ତର ଝାରସୁଗୁଡା ପ୍ଲାଂଟର ସୁରକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଅନସୀ କୁଜୁର ତାଙ୍କ କାର୍ଯ୍ୟ କାଳରେ ସମ୍ମୁଖୀନ ହେଉଥିବା ଏକାଧିକ ଆହ୍ୱାନର ମୁକାବିଲା ପଛଘୁଂଚା ନ ଦେଇ ସାହସର ସହିତ ସମ୍ପନ୍ନ କରିଛନ୍ତି। ଅପରାଧୀ, ସାମଗ୍ରୀ ଚୋରି ଉଦ୍ୟମ, ଅସ୍ତ୍ରଶସ୍ତ୍ରଧାରୀ ଅନୁପ୍ରବେଶକାରୀଙ୍କ ସଫଳ ମୁକାବିଲା ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ଶାନ୍ତ, ନିର୍ଭୟ ଏବଂ ବୁଦ୍ଧିମତା ଦ୍ୱାରା ସମାଧାନ କରିବାରେ ସଫଳତା ହାସଲ କରିଛନ୍ତି। ସେ ସର୍ବଦା ହସହସ ମୁହଁରେ ପ୍ରତିଟି କାର୍ଯ୍ୟ କରିଥାନ୍ତି। ବେଦାନ୍ତ ବିଶ୍ୱାସ କରେ ଯେ, କମ୍ପାନୀର ମହିଳା କର୍ମଚାରୀମାନେ ବୃତିଗତ ଭାବେ ଯୋଗ୍ୟ ଏବଂ ସେମାନଙ୍କ ଭୂମିକା ବେଶ୍ ଅଭିଜ୍ଞ। ଏହା ସହିତ ସେମାନଙ୍କର ବିଭିନ୍ନ ଦୃଷ୍ଟିକୋଣ, ବୈଷୟିକ ଦକ୍ଷତା, ସହାନୁଭୂତି, କରୁଣା ଏବଂ ସଜାଗ ଏକନିଷ୍ଠ ଭାବ ଶିଳ୍ପକ୍ଷେତ୍ରର କାର୍ଯ୍ୟଶୈଳୀରେ ଏକ ନୂତନତ୍ୱ ଆଣିଥାଏ। ସେମାନଙ୍କଠାରେ ପାରମ୍ପରିକ ପୁରୁଷ ପ୍ରାଧାନ୍ୟ ଶିଳ୍ପରେ କାର୍ଯ୍ୟ କରିବାର ଉତ୍ସାହ ରହିଛି। ସରକାରଙ୍କ ମେକ୍ ଇନ୍ ଇଣ୍ଡିଆ ଯୋଜନା ଦ୍ୱାରା ମୁଖ୍ୟ ଶିଳ୍ପ କ୍ଷେତ୍ରରେ ବହୁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିଛି। ଏବେ ସମୟ ଆସିଛି, ଯାହାକି ମହିଳା କର୍ମଚାରୀଙ୍କ ପ୍ରତିଭା ତଥା ସୃଜନଶୀଳ ଯୋଗ୍ୟତା ଆଧାରରେ ସେମାନଙ୍କୁ ଏସବୁ କ୍ଷେତ୍ରରେ ନିଯୁକ୍ତି ଯୋଗାଇ ଦିଆଯିବାର ପ୍ରୟାସ କରାଯିବା ଆବଶ୍ୟକ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY


(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada




# ଓଡ଼ିଆ ଜାତିର ଅନନ୍ୟ ସାରଥୀ : ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ





ଓଡ଼ିଆ ଭାଷା, ଓଡ଼ିଆ ଜାତି ତଥା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଖାସ ମାହଲ ଏବଂ ଗଡ଼ଜାତ ଅଞ୍ଚଳରୁ ଯେଉଁ ରାଜାମାନେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ମୟୂରଭଞ୍ଜର ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ। ସେ ଥିଲେ ଏକା ଧାରାରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ଅନ୍ୟତମ ନିର୍ମାତା, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି, ଜଣେ ଦକ୍ଷ ପ୍ରଶାସକ ଏବଂ ସୁସାହିତ୍ୟିକ। ଶ୍ରୀ ଦେଓ ୧୭ ଡ଼ିସେମ୍ବର ୧୮୭୦ରେ ମୟୂରଭଞ୍ଜ ଗଡ଼ଜାତରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୫ ଅଗଷ୍ଟ ୧୮୯୨ରେ ମାତ୍ର ୧୨ବର୍ଷରେ ସିଂହାସନ ଆରୋହଣ କରିଥିଲେ। ସେ ମୟୂରଭଞ୍ଜ ଗଡ଼ଜାତର ସର୍ବାଙ୍ଗୀନ ଉନ୍ନତିକଳ୍ପେ ନିଜକୁ ଉତ୍ସର୍ଗ କରିଦେଇଥିଲେ ଏବଂ ପ୍ରଜାମାନଙ୍କର ମଙ୍ଗଳ ନିମନ୍ତେ ଅନେକ କଲ୍ୟାଣକାରୀ କାର୍ଯ୍ୟମାନ ହାତକୁ ନେଇଥିଲେ। ଲୋକସେବାକୁ, ଜାତି ଓ ଭାଷା ପାଇଁ ଗୋପବଂଧୁ ଥିଲେ ତାଙ୍କ ପାଇଁ ବଂଧୁ, ଦାର୍ଶନିକ ଏବଂ ପ୍ରଥପ୍ରଦର୍ଶକ। ତାଙ୍କରି ଆଦର୍ଶରେ ସେ ନିଜକୁ ପରିଚାଳିତ କରୁଥିଲେ। ଭାଷା, ସ୍ୱାସ୍ଥ୍ୟ ଏବଂ ପ୍ରଶାସନ କ୍ଷେତ୍ରରେ ସେ ଉଲ୍ଲେଖନୀୟ କାର୍ଯ୍ୟମାନ କରିଛନ୍ତି। ତାଙ୍କରି ଉଦ୍ୟମରେ କଟକଠାରେ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ସ୍ଥାପିତ ହୋଇଛି। ତାଙ୍କରି ପ୍ରଚେଷ୍ଟାରେ ରୂପସାଠାରୁ ବାରିପଦା ଯାଏଁ ନାରୋଗଜ ରେଳପଥ ବିସ୍ତାର କରିଛି। କୃଷିର ଉନ୍ନତିକଳ୍ପେ ୬ଲକ୍ଷ ଟଙ୍କା ରାଜକୋଷ ତହବିଲରୁ ଖର୍ଚ୍ଚକରି ହଳଦିଆ ଓ ହଳଦିହ ଠାରେ ଦୁଇଟି ଜଳ ସଂରକ୍ଷଣ ବନ୍ଧ ତିଆରି କରିଛନ୍ତି। ଶିକ୍ଷାକ୍ଷେତ୍ରରେ ତାଙ୍କର ବଳିଷ୍ଠ ପଦକ୍ଷେପ ବେଶ ପ୍ରଶଂସନୀୟ। ପ୍ରାଥମିକ ଶିକ୍ଷାର ଉନ୍ନତିକଳ୍ପେ ସେ ତାଙ୍କ ରାଜ୍ୟରେ ଥିବା ୪୪ବିଦ୍ୟାଳୟ ରୁ ୪୦୦କୁ ବଢ଼ାଇ ଦେଇଥିଲେ। ଓଡ଼ିଶା ଭାଷା ଆନ୍ଦୋଳନର ସେ ଥିଲେ ମୁଖ୍ୟ ପୁରୋଧା। ଉତ୍କଳ ଗୌରବ ମଧୁସୂଦନଙ୍କର ବଳିଷ୍ଠ ନେତୃତ୍ୱରେ ସଂଗଠିତ ଭାଷା ଆନ୍ଦୋଳନରେ ସେ ଯୋଗ ଦେଇଥିଲେ। ଉତ୍କଳ ସମ୍ମିଳନୀ ଯାହାକି ଭାଷାକୁ ଭିତ୍ତିକରି ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ନିମନ୍ତେ ୩୦/୩୧ ଡ଼ିସେମ୍ବର ୧୯୦୩ରେ ପ୍ରଥମେ ଆହୂତ ହୋଇଥିଲା। ସେ ଥିଲେ ତା'ର ପ୍ରଥମ ସଭାପତି। ଏହି ଭାଷାଆ ।ନ୍ଦୋଳନ କାରଣରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁଏକତ୍ର କରିବା ପାଇଁ ରୟାଲ କମିଶନର ଆଗରେ ସମ୍ମିଳନୀ ତରଫରୁ ୧୯୦୭ରେ ଶ୍ୱେତପତ୍ର ଦାଖଲ କରାଯାଇଥିଲା। ଏହି ଆନ୍ଦୋଳନ କ୍ରମେ ୧୯୧୧ରେ ବଙ୍ଗପ୍ରଦେଶରୁ ବିହାର-ଓଡ଼ିଶାକୁ ମୁକ୍ତ କରି ପ୍ରଥମେ ବିହାର-ଓଡ଼ିଶା ରାଜ୍ୟ ଗଠନ କରାଗଲା। ଏ ସବୁଥିରେ ମଧୁସୂଦନ, ଗୋପବନ୍ଧୁ ଏବଂ ଅନ୍ୟମାନଙ୍କ ସହ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ମହାରାଜା ଶ୍ରମଦେବ। ଏହି ଉଦ୍ୟମ କାରଣରୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଲା ଏପ୍ରିଲ ପହିଲା ୧୯୩୬ରେ ଯାହାକି ସଂପୂର୍ଣ୍ଣ ଭାଷାଭିତ୍ତିକ। ଦୁଃଖ ଯେ ସେତେବେଳକୁ ଉପରୋକ୍ତ ତିନି ମୁଖ୍ୟ ଜୀବୀତ ନଥିଲେ ଅଥଚ ଆଶା ଫଳବତୀ ହେଲା। ସେ ମୟୂରଭଞ୍ଜ ଗଡ଼ଜାତରେ ଜନ୍ମ ହୋଇଥିଲେ ସତ୍ୟ ହେଲେ ତାଙ୍କରି କର୍ମକ୍ଷେତ୍ର ଥିଲା ସଂପୂର୍ଣ୍ଣ ଓଡ଼ିଶା। ଓଡ଼ିଆ ଭାଷା ଓ ଜାତିର ଉନ୍ନତି ଥିଲା ତାଙ୍କର ସ୍ୱପ୍ନ। ସେ ନିଜେ ଜଣେ ସୁସାହିତ୍ୟିକ। ଏଣୁ ସାହିତ୍ୟପ୍ରତି ତାଙ୍କର ଯଥେଷ୍ଟ ଅବଦାନ ଏବଂ ପ୍ରୋତ୍ସାହନ କମ ନଥିଲା। ଆମେ ଜାଣେ ସାମନ୍ତ ଚନ୍ଦ୍ରଶେଖର ବା ପଠାଣି ସାମନ୍ତ ଜ୍ୟୋର୍ତିବିଦ୍ୟାରେ ଭାରତ (ଇଂରେଜ) ସରକାରଙ୍କ ଠାରୁ ମହାମହୋପାଧ୍ୟାୟ ଉପାଧି ୧୮୯୩ସେପ୍ଟେମ୍ବରରେ ପାଇଲେ ଅଥଚ ସେ ଏତେ ଗରିବ ଥିଲେ ଯେ ତାଙ୍କ 'ସିଦ୍ଧାନ୍ତ ଦର୍ପଣ' ବହି ବା ପଞ୍ଜିକା ଖଣ୍ଡିକ ଛାପି ପାରୁନଥିଲେ। ବାମଣ୍ଡା ରାଜା ଶ୍ରୀ ସୁଚ୍ଚଳଦେବ ଏବଂ ତାଙ୍କର ମିଳିତ ସହଯୋଗରେ ସେ ବହିଟି ୧୮୯୯ରେ ଛପା ହେଲା। ଏମିତି କହି ବସିଲେ ଅନେକ ତାଙ୍କର ବଦାନ୍ୟତା ଗୁଣ। ଏମିତି ଜଣେ ବ୍ୟକ୍ତିତ୍ୱ ଆମପାଇଁ ଏ ଯୁଗରେ ନୁହେଁ ଆଗାମୀ ଯୁଗରେ ବି ବିରଳ। ଦୁଃଖ ଯେ ଏପରି ଜଣେ ମହାନ ବ୍ୟକ୍ତିଙ୍କର ଅନ୍ତଘଟିଲା ୨୨ ଫେବୃୟାରୀ ୧୯୧୨ ମସିହାରେ ମାତ୍ର ୪୧ବର୍ଷରେ, କେତେ କମ୍ ବୟସରେ। ତେବେ ସେ ଯେଉଁଠି ଥାଆନ୍ତୁ; ଏଇଠୁ ଆମେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ସ୍ମୃତିରେ ରଖିଛୁ ତାଙ୍କୁ।

**ବିପିନବିହାରୀ ମହାନ୍ତି**, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶ ନଗର, ଜଟଣୀ, ଖୋର୍ଦ୍ଧା-୭୫୨୦୫୦, ମୋ : ୯୯୩୮୩୪୪୧୩୮

## ଓଡିଶା ସୀମା ସମସ୍ୟା ତଥ୍ୟ ସମ୍ପର୍କରେ କେନ୍ଦ୍ର ଗୃହ ବିଭାଗ ଗୋଟିଏ ମାନିଲା ଅନ୍ୟଗୁଡିକ କୁଆଡେ ଗଲା ?

ଭୁବନେଶ୍ୱର (ପିଏନ୍): ଓଡିଶା ରାଜ୍ୟ ସୀମା ସମସ୍ୟା ସମ୍ପର୍କରେ ତଥ୍ୟ କେନ୍ଦ୍ର ସରକାରଙ୍କର ଗୃହ ବିଭାଗ ପାଖରେ ନାହିଁ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଲୋକସଭାରେ ପୂର୍ବରୁ ସୂଚନା ଦେଇ ବିବାଦକୁ ଆସିବା ପରେ ସେହି ଲୋକସଭାରେ ପୁଣିଥରେ ଏକ ପ୍ରଶ୍ନର ଉତ୍ତର ଦେଇ ଅନ୍ୟ ରାଜ୍ୟର ସୀମା ସମସ୍ୟା ସହିତ ଓଡିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ସୀମା ବିବାଦ ଅଛି ବୋଲି ମାନିଛନ୍ତି । କିନ୍ତୁ ଓଡିଶା ସହିତ ପଶ୍ଚିମ ବଙ୍ଗ ଓ ଛତିଶଗଡ ମଧ୍ୟରେ ଥିବା ସୀମା ସମସ୍ୟା ବିଷୟରେ କେନ୍ଦ୍ରମନ୍ତ୍ରୀ ନୀରବ ଅଛନ୍ତି। ଉତ୍କଳ ସମ୍ମିଳନୀ ଏହାକୁ ବିରୋଧ କରିବା ସହିତ କେନ୍ଦ୍ର ଗୃହ ବିଭାଗ ଠିକ୍ ଭାବରେ ତଥ୍ୟ ସଂଗ୍ରହ କରି ଓଡିଶା ସହିତ ଥିବା ସମସ୍ତ ସୀମା ସମସ୍ୟାକୁ ତାଲିକାଭୁକ୍ତ କରି ଏହାର ସମାଧାନ ପାଇଁ ଚେଷ୍ଟା କରନ୍ତୁ ବୋଲି ଦାବି କରିଛି । କେବଳ ସେତିକି ନୁହେଁ ରାଜ୍ୟ-ରାଜ୍ୟ ଭିତରେ ଥିବା ସୀମା ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସରକାର ନିଜର ଦାୟିତ୍ୱ ଠିକ୍ ଭାବେ ପାଳନ କରନ୍ତୁ ଓ ଏଥିପାଇଁ 'ସୀମା ସୁରକ୍ଷା ପରିଷଦ' ଗଠନ କରି ଏହାର ସମାଧାନ କରନ୍ତୁ ବୋଲି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଦାବି କରିଛନ୍ତି ।

## ଦୁଇ ଆନ୍ତଃ ରାଜ୍ୟ ମୋବାଇଲ ଚୋର ଗିରଫ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ସଦର ମହକୁମାର ଆଦର୍ଶ ଥାନା ଅନ୍ତର୍ଗତ ସ୍ୱୋନ ହୋଟେଲ ଲଜରୁ ଦୁଇ ଆନ୍ତଃ ରାଜ୍ୟ ମୋବାଇଲ ଚୋର ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ଓପୋ କମ୍ପାନୀର ଦାମୀ ମୋବାଇଲ, ରସିଦ ବହି ଓ ଦୁଇଟି ବାଇକ ଜବତ କରି ପୋଲିସ ଗିରଫ କରି ତଦନ୍ତ ଚଳାଇଛି । ଅଭିଯୁକ୍ତ ଦ୍ୱୟ ହେଲେ ପପୁ ଚୌହ୍ୱାନ ଓ ଦିଲ୍ଲୀପ ଯାଦବ।

## କୋଣାର୍କ-ପୁରୀ ବେଳାମାର୍ଗରେ ଇକୋ ରିଟ୍ରିଟ-୨୦୨୧ ଉଦ୍‌ଘାଟିତ




କୋଣାର୍କ (ପିଏନ୍)- ଓଡିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ-ପୁରୀ ବେଳାମାର୍ଗର ସାହୁଖଣତା ଠାରେ ଡିସେମ୍ବର ୧୫ତାରିଖରୁ ୨୦୨୧ ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ମେରାଇନ୍ ଡ୍ରାଇଭି ଇକୋ ରିଟ୍ରିଟ-୨୦୨୧ ଆଜି ପୂର୍ବାହ୍ନରେ ଉଦ୍‌ଘାଟନ କରିଛନ୍ତି । ଗତକାଲି ଦିନ ୧୧ଟା ୪୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ ଭାର୍ତ୍ତା ମାଧ୍ୟମରେ ରାଜ୍ୟର ୭ଟି ସ୍ଥାନରେ ଆୟୋଜିତ ଇକୋ ରିଟ୍ରିଟ-୨୦୨୧ ଉଦଘାଟନ କରିବା ପରେ କୋଣାର୍କ-ପୁରୀ ବେଳାମାର୍ଗଠାରେ ଆୟୋଜିତ ତୃତୀୟ ଥର ପାଇଁ ଆୟୋଜିତ ଇକୋ ରିଟ୍ରିଟ-୨୦୨୧କୁ ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡା ଓ ଯୁବ ବ୍ୟାପାର ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ତୁଷାର କାନ୍ତି ବେହେରା, ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ, ଯୋଜନା ବୋର୍ଡର ଉପାଧକ୍ଷ ସଞ୍ଜୟ ଦାସବର୍ମା, ପିପିଲି ବିଧାୟକ ରୁଦ୍ରପ୍ରସାଦ ମହାରଥି, ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷା ଶ୍ରୀମୟୀ ମିଶ୍ର, ଜିଲ୍ଲାପାଳ ସମର୍ଥ ବର୍ମା, ପୁରୀ ଜିଲ୍ଲା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ରାମାସାମୀ ପି., ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ଆର ଯାଦବ, ଜିଲ୍ଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇ ପ୍ରମୁଖ ଇକୋ ରିଟ୍ରିଟ ସ୍ଥଳରେ ବେଲୁନ ଉଡାଇ ଇକୋ ରିଟ୍ରିଟ ଟେଣ୍ଟ ଭିଲେଜକୁ ବିଧିବଦ୍ଧଭାବେ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରୀ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ ସେଠୀଙ୍କ ସମେତ ଉତ୍ସବ ସହ ଜଡିତ ବିଭିନ୍ନ ବିବାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ । ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ତୃତୀୟ ଥର ପାଇଁ କୋଣାର୍କ-ପୁରୀ ବେଳାମାର୍ଗ ସାହୁଖଣତାଠାରେ ଅତ୍ୟାଧୁନିକ ଟେଣ୍ଟ ଭିଲେଜ ନିର୍ମାଣ କରାଯାଉଛି । ପର୍ଯ୍ୟଟକମାନେ ବାଲୁଖଣ୍ଡ ଅଭୟାରଣ୍ୟ ସଂଲଗ୍ନ ବଙ୍ଗୋପସାଗରର ସମୁଦ୍ର କୂଳରେ ନିର୍ମିତ ଅତ୍ୟାଧୁନିକ ଟେଣ୍ଟ ଭିଲେଜରେ ରାତ୍ରି ରହଣି କରିବା ସହିତ ସ୍ପା, ଜଳକ୍ରୀଡା, ଦୁଃସାହସିକ କ୍ରୀଡା, ଆକାଶରେ ଉଡିବାର ମଜା, ବିଭିନ୍ନ ପ୍ରକାର ଖାଦ୍ୟ ଖାଇବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନଭରି ଉପଭୋଗ କରିପାରିବେ । ପର୍ଯ୍ୟଟକଙ୍କ ସୁରକ୍ଷା ବ୍ୟବସ୍ଥା, ଗମନାଗମନ, ପାନୀୟ ଜଳ ଯୋଗାଣ ଇତ୍ୟାଦିର ସୁବନ୍ଦୋବସ୍ତ କରାଯାଇଛି । ଏହି ଇକୋ ରିଟ୍ରିଟ ଭିଲେଜ ମଧ୍ୟରେ ସମସ୍ତ ସୁବିଧା ଥାଇ ୫୮ଟି ଅତ୍ୟାଧୁନିକ ଶୀତତାପ ନିୟନ୍ତ୍ରିତ ଟେଣ୍ଟ ଗୃହ ନିର୍ମାଣ କରାଯାଉଛି । ଏହି ଇକୋ ରିଟ୍ରିଟ ଭିଲେଜକୁ ୪ଟି ଶ୍ରେଣୀରେ ପ୍ରେସିଡେଣ୍ଟାଲ ସୁଇଟି, ରୟାଲ ଲଜୟୁରୀ କୋଟେଜ, ପ୍ରିମିୟମ ସୁଇସି କୋଟେଜ, ଡିଲକ୍ସ ସୁଇସି କୋଟେଜ ବିଭାଗରେ ବିଭାଜିତ କରାଯାଇଛି। ଗୋଟାଏ ରାତ୍ରୀ ରହଣି କରିବା ନିମନ୍ତେ ୧୦ହଜାର ଟଙ୍କାରୁ ୨୫ହଜାର ଟଙ୍କା ଦେଇ ପର୍ଯ୍ୟଟକମାନେ ରହିପାରିବେ । ଏଥିପାଇଁ ପର୍ଯ୍ୟଟନ ବିଭାଗର ଓ୍ୱେବସାଇଟରେ ବୁକିଙ୍ଗର ବ୍ୟବସ୍ଥା କରାଯାଇଛି । ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଦିବସ ପାଇଁ ୩ଶହଟି କୋଟେଜ ବୁକିଂ ହୋଇଛି । ସେଥିମଧ୍ୟରୁ ଉଦ୍‌ଯାପନୀ ଦିବସରେ ୫୦ଟି କୋଟେଜ ବୁକିଂ ହୋଇଥିବା ପର୍ଯ୍ୟଟନ ବିଭାଗ ପକ୍ଷରୁ ସୂଚନା ମିଳିଛି । ରଙ୍ଗ ବେରଙ୍ଗ ଆଲୋକମାଳାରେ ଇକୋ ରିଟ୍ରିଟ ଭିଲେଜ ପରିସର ସଜାଇ ହୋଇଛି । ପର୍ଯ୍ୟଟକଙ୍କୁ ବେଳାମାର୍ଗ ରାସ୍ତାରୁ ଇକୋ ରିଟ୍ରିଟ ଭିଲେଜ ପରିସରକୁ ନେବା ଆଣିବା ପାଇଁ ବେଟ୍ରିଚାଳିତ ଯାନର ବ୍ୟବସ୍ଥା କରାଯାଇଛି । ଏତଦ୍‌ବ୍ୟତିତ ଆଜି ଭିତରକନିକା, ସାତକୋଶିଆ, ହୀରାକୁଦ, ଦାରିଙ୍ଗବାଡି, ପତି ସୋନାପୁର ଓ କୋରାପୁଟଠାରେ ମଧ ଇକୋ ରିଟ୍ରିଟ ଉଦ୍‌ଘାଟିତ ହୋଇଛି ।




## କେନ୍ଦ୍ରାପଡା ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜବାହର ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡା ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ସଭାପତି ରାକେଶ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ରାମକୃଷ୍ଣ ସିଆଳ, ଓଡିଶା ନବୋଦୟ ବିଦ୍ୟାଳୟ ଆଲୁମିନି ସଙ୍ଘର ସଭାପତି ସଞ୍ଜୟ ନାୟକ, ଯୁଗ୍ମ ସମ୍ପାଦକ ଅନିଲ କୁମାର ମିଶ୍ର, ଆଲୁମିନି ଅଧିକାରୀ ଭୁବନେଶ ବର୍ମା ଓ କେନ୍ଦ୍ରାପଡା ନବୋଦୟ ବିଦ୍ୟାଳୟର ପ୍ରଥମ ବ୍ୟାଚ ଆଲୁମିନି ପିଙ୍କୁଇନ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଓଡିଶାର ୩୧ଟି ନବୋଦୟ ବିଦ୍ୟାଳୟକୁ ଗୋଟିଏ ରଜୁରେ ବାନ୍ଧି ରଖିବା ଓ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ଏକାଠି କରିବା ଉଦ୍ଦେଶ୍ୟରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇ ନିଜ ନିଜର ପୁରୁଣା ଅତୀତର ସ୍ମୃତିକୁ ରୋମନ୍ଥନ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ରସଂସଦ ପକ୍ଷରୁ ପ୍ଲାଷ୍ଟିକ ଜିନିଷର ବ୍ୟବହାରକୁ ପରିତ୍ୟାଗ କରିବା ପାଇଁ ଏକ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ବାରୋ ଗ୍ରାମ ପର୍ଯ୍ୟନ୍ତ ଯାଇ ଲୋକମାନଙ୍କୁ ସଚେତନ କରାଇଥିଲେ। ବିଦ୍ୟାଳୟ ପରିସରରେ ଫଳ ବୃକ୍ଷର ଚାରା ରୋପଣ କରାଯାଇଥିଲା ଓ ବିଦ୍ୟାଳୟର ବର୍ତ୍ତମାନର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଭବିଷ୍ୟତ ସ୍ୱୟଂ ସମ୍ପୂର୍ଣ୍ଣ ଭାବେ ଗଢି ତୋଳିବା ପାଇଁ ବହୁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରାପଡା ନବୋଦୟ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଅଚ୍ୟୁତାନନ୍ଦ ରାଉତ, ଫକିର ଚରଣ ନାୟକ, ପୃଥୀରାଜ ପଣ୍ଡା ଓ ଅଜିତ କୁମାର ପଣ୍ଡା ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ପୁରାତନ ଛାତ୍ର ବିଶ୍ୱ ବିଜୟୀ ପରିଡା, ଆଶାଭାନୁ ସ୍ୱାଇଁ, ତପନ ପଟ୍ଟନାୟକ, ଅହମ୍ମଦ ରାଜା ଖାନ, ସାଇ ପ୍ରସାଦ ଦାସ, ରାହୁଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ଡି.କେ. ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ରାଧାଗୋବିନ୍ଦ କ୍ଲବ ପକ୍ଷରୁ ନାଟକ 'ଅକୁହା କାହାଣୀ ଶୁଣିବ କିଏ' ମଂଚସ୍ଥ



ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ କଂଟାବାଡ ପଂଚାୟତ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମର ରାଧାଗୋବିନ୍ଦ କ୍ଲବ ପକ୍ଷରୁ ୨୮ତମ ନାଟକ ମଂଚସ୍ଥ ହୋଇଛି। ଏ ନେଇ ଏକ ଆୟୋଜିତ ସଭାରେ ଶିକ୍ଷାବିତ ରାଜକିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସ୍ଥାନୀୟ ଅଂଚଳର ବିଜେଡି ନେତା ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି,ରାଉତପଡା ପଂଚାୟତର ସମିତି ସଭ୍ୟ ବିବେକାନନ୍ଦ ରାଉତ ମୁଖ୍ୟ ବକ୍ତା,ଗୋବିନ୍ଦପୁର ସମିତି ସଭ୍ୟ ବିପିନ ମହାପାତ୍ର,ସ୍ଥାନୀୟ ପଂଚାୟତର ସମିତି ସଭ୍ୟ ସୁବାସ ଚନ୍ଦ୍ର ମହାଁ,ପୂର୍ବତନ ସମିତି ସଭ୍ୟ ଶିଶିର ଆଚାର୍ଯ୍ୟ ଓ ଅନୁଷ୍ଠାନର ସଭାପତି ବସ' କୁମାର ମହାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନାଟକ ଭାଇଚାରା ସମ୍ପର୍କ ସୃଷ୍ଟି ସହ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହୋଇଥାଏ ବୋଲି ମୁଖ୍ୟ ଅତିଥି ଶ୍ରୀଯୁକ୍ତ ସାହୁ ମତବ୍ୟକ୍ତ କରିଥିଲେ। ସଭାର ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ରବୀନ୍ଦ୍ର କୁମାର ସେଠୀ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅନୁଷ୍ଠାନର ସଦସ୍ୟ ରବି ନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।ପରେ ଅନୁଷ୍ଠାନର ସଦସ୍ୟ ମାନଙ୍କ ଦ୍ୱାରା 'ଅକୁହା କାହାଣୀ ଶୁଣିବ କିଏ' ନାଟକ ମଂଚସ୍ଥ ହୋଇଥିଲା।

## କେନ୍ଦ୍ରାପଡା ବ୍ଲକ ଓଷ୍ଟାର କାର୍ଯ୍ୟକାରିଣୀ ବୈଠକ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଓଷ୍ଟାର ଏକ କାର୍ଯ୍ୟକାରିଣୀ ବୈଠକ ଦୁହୁରିଆସ୍ଥିତ ଶିକ୍ଷକ ଭବନରେ ସଭାପତି ସନ୍ତୋଷ କୁମାର ଦାସଙ୍କ ଅଧ୍ୟତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରାକ୍ତନ ରାଜ୍ୟ ଓଷ୍ଟା ସମ୍ପାଦକ ତ୍ରୈଲୋକ୍ୟ ସ୍ୱାଇଁ, ମାର୍ଶାଘାଇ ବ୍ଲକ ସମ୍ପାଦକ ଭଗବାନ ସାହୁ, ଜିଲ୍ଲା କାର୍ଯ୍ୟକାରୀ କମିଟି ସଭ୍ୟ ରମେଶ ଚନ୍ଦ୍ର ସାହୁ, କେନ୍ଦ୍ରାପଡା ବ୍ଲକ କାର୍ଯ୍ୟକାରି କମିଟି ସଭ୍ୟ ଅଜୟ ନାୟକ, ରାଜକିଶୋର ନାୟକ, ନାରାୟଣ ଚନ୍ଦ୍ର ପଣ୍ଡା, ବିଶିଷ୍ଟ ପରିବେଶବୀତ ତଥା କେନ୍ଦ୍ରାପଡା ବ୍ଲକ ଉପସଭାପତି ପାର୍ଥସାରଥୀ ବେହେରା, ପ୍ରଭାକର ଆଚାର୍ଯ୍ୟ, ପଙ୍କଜ କୁମାର ଦାସ, ସହ ସମ୍ପାଦକ ପ୍ରତିମା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଶିକ୍ଷକ ଓ ଶିକ୍ଷାୟତନର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। କେନ୍ଦ୍ରାପଡା ବ୍ଲକ ସମ୍ପାଦକ ଅଲେଖ ଚନ୍ଦ୍ର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିବା ସହ ପୂର୍ବ ଅଧିବେଶନର ପ୍ରସ୍ତାବ ଗୁଡିକ ପାଠ କରିଥିଲେ। ଜିଲ୍ଲା ସମ୍ପାଦକ ନିର୍ମଳ କୁମାର ନାୟକ ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ଜିଲ୍ଲା ଅଧିକାରୀଙ୍କ ସହ ଆଲୋଚନା କରି ସମାଧାନ କରିଥିବା ଏବଂ କେତେକ ବାକି ରହିଥିବା ସମସ୍ୟା ଖୁବଶୀଘ୍ର ସମାଧାନ ହେବ ବୋଲି ସୂଚନା ଦେଇଥିଲେ। ସମସ୍ତ ବକ୍ତା ଓଷ୍ଟା ସଂଗଠନକୁ ସୁଦୃଢ଼ କରି ଗଢି ତୋଳିବାକୁ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ବ୍ଲକ ଉପସଭାପତି ଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ବୋଇତ ବନ୍ଦାଣ ସମିତି ପକ୍ଷରୁ କେନ୍ଦ୍ରାପଡା ଅର୍ବାନ ବ୍ୟାଙ୍କକୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ରାଜ୍ୟ ସ୍ତରରେ ଦ୍ୱିତୀୟ ସର୍ବଶ୍ରେଷ୍ଠ ବ୍ୟାଙ୍କ ଭାବେ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଥିବାରୁ ଜିଲ୍ଲା ବୋଇତ ବନ୍ଦାଣ ସମିତି ପକ୍ଷରୁ ବ୍ୟାଙ୍କ ସମ୍ମିଳନୀ କକ୍ଷରେ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶିଳ କୁମାର ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବରେ ସମିତିର ମୁଖ୍ୟ ଉପଦେଷ୍ଟା ପ୍ରଦିପ କୁମାର ମହାନ୍ତି ଟ୍ରଫି, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସାମଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ସମିତିର ସଦସ୍ୟ ଚିତ୍ତରଞ୍ଜନ ଦାସ, ଲକ୍ଷ୍ମୀକାନ୍ତ ନାୟକ, କୁଳମଣୀ ସ୍ୱାଇଁ, ଗୋପାଳକୃଷ୍ଣ ଜେନାଙ୍କ ସମେତ ବ୍ୟାଙ୍କ ମୁଖ୍ୟ ଶାଖାର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦଙ୍କ ବିୟୋଗରେ ସ୍ମୃତି ସଭା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ପ୍ରତିଭା ପୂଜା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତିଙ୍କ ବିୟୋଗରେ ଏକ ସର୍ବଦଳୀୟ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଭାପତି ପ୍ରଦିପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଅତିଥି ଭାବେ ଡାକ୍ତର ବିଶ୍ୱପ୍ରକାଶ କାନୁନଗୋ, ପୂର୍ବତନ ପୌରପାଳ ଧିରେନ ସାହୁ, ବରିଷ୍ଠ ଆଇନଜୀବୀ ଉମେଶ ଚନ୍ଦ୍ର ସିଂହ, ଧରଣୀଧର ସୁଆର, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସ୍ମୃତି ଚାରଣ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଂସଦର ସମ୍ପାଦକ ସୁଶିଲ କୁମାର ସାମଲ ସଭାର ଉଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୃସିଂହ ଚରଣ ତ୍ରିପାଠୀ, ଗୋଲଖ ଚନ୍ଦ୍ର ପଢିଆରୀ, ଆଶିଷ ସେନାପତି, ସୁବାଷ ପାତ୍ର, ଅବନ୍ତୀ ବେହେରା, ବିଜୟ ପରିଡା, ସେକ ସୌକତ ଖାଁ, ସାମ୍ବାଦିକ ଚିତରଞ୍ଜନ ଦାସ, ଅକ୍ଷୟ କୁମାର ମହାନ୍ତି, ରଞ୍ଜନ କୁମାର ମଲିକ, ସୁଶ୍ରୀ ଅଞ୍ଜନା ମହାନ୍ତି, ସରୋଜରାଜ ସିଂ, ସୁହାନା ପରୱିନ, ମମତା ବେହେରା, ସୁଜାତା ବେହେରା, ପରୱାନା ଖାତୁନ, ଖ୍ୱାଜା ରମଜାନୀ, ନଗେନ୍ଦ୍ର ଜେନା, ସେକ ସମସେର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶେଷରେ ସତ୍ୟପ୍ରିୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## କୋଟପା ଆଇନ ପ୍ରଶିକ୍ଷଣ ଶିବିର



ଖୋର୍ଦ୍ଧା(ପିଏନ)- ଖୋର୍ଦ୍ଧା ସଦର ମହକୁମାର ଆରକ୍ଷୀ ଅଧିକାରୀ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ୱାସ୍ଥ୍ୟ ଅଣ ସଂକ୍ରମଣ ବିଭାଗ ପକ୍ଷରୁ କୋଟପା ଆଇନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଜିଲ୍ଲା ଆରକ୍ଷୀ ଅଧିକାରୀ ରାଜକିଶୋର ଦୋରା, ଆଇନ ପରାମର୍ଶଦାତା ଲକ୍ଷ୍ମୀଧର ବିଶ୍ୱାଳ, ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁରେଶ କୁମାର ଦାଶ, ଉପ ଆରକ୍ଷୀ ଅଧିକାରୀ, ରାଜ୍ୟ ଅଣସଂକ୍ରମଣ ରୋଗ ବିଭାଗର ପରାମର୍ଶଦାତା ଡଃ ଗିରିଜା ଶଙ୍କର ମିଶ୍ର,ମୁଖ୍ୟ ଚିକିତ୍ସାଳୟର ଶଲ୍ୟ ଚିକିତ୍ସକ ପ୍ରସନ୍ନ ମିତ୍ର,ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟଜିତ ପଟେଲ ଓ ଅଣ ସଂକ୍ରମଣ ବିଭାଗର ପରାମର୍ଶଦାତା ସୁଦେଷ୍ଣା ସେନାପତିଙ୍କ ସମେତ ସମସ୍ତ ଥାନା ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ତମାଖୁ ସେବନର ଭୟାବହତା ଓ ରୋକ ଲଗାଇବା ପାଇଁ ଆଇନ (କୋଟପା) ସମ୍ପର୍କରେ ଆଲୋକପାତ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ରାଜସ୍ୱ ନିରୀକ୍ଷକଙ୍କୁ ଆକ୍ରମଣ ଘଟଣା, ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ସହ ସ୍କ୍ୱାର୍ଡଙ୍କୁ ସୁରକ୍ଷା ଦାବୀରେ ଜିଲ୍ଲାପାଳଙ୍କୁ ସଂଘ ପକ୍ଷରୁ ଦାବୀପତ୍ର ପ୍ରଦାନ

କେନ୍ଦୁଝର,(ପ.ଏନ): ଆନନ୍ଦପୁର ତହସିଲ ଅଧିନସ୍ଥ ଖଡିବିଲ ମୌଜାର ଫାପୁଡିଆ ନାଳରୁ ବାଲି ଚୋରା ଚାଲାଣ ସମୟରେ ଏନଫୋର୍ସମେର୍ଟ ସ୍କ୍ୱାର୍ଡର କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ଘଷିପୁରା ପୋଲିସ ମୁଖ୍ୟ ଆସାମୀଙ୍କୁ ଅଦ୍ୟାବଧି ଗିରଫ କରି ନାହିଁ। ଏହାର ପ୍ରତିବାଦ କରି ଗୁରୁବାର ଦିନ ଓଡିଶା ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ , କେନ୍ଦୁଝର ଶାଖା ପକ୍ଷରୁ କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକ୍ରେ ଏବଂ ଆରକ୍ଷୀ ଅଧିକ୍ଷକ ମିତ୍ରଭାନୁ ମହାପାତ୍ରଙ୍କୁ ଏକ ଦାବୀପତ୍ର ଦିଆଯାଇ ଆକ୍ରମଣ କରିଥିବା ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବା ସହ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡରେ ପର୍ଯ୍ୟାପ୍ତ ପରିମାଣର ପୋଲିସ ସୁରକ୍ଷା ଯୋଗାଇ ଦେବାକୁ ଦାବୀ କରାଯାଇଛି। ପର୍ଯ୍ୟାପ୍ତ ପୋଲିସ ସୁରକ୍ଷା ଯୋଗାଇ ଦିଆନଗଲେ ଏନଫୋର୍ସମେଣ୍ଟ କାର୍ଯ୍ୟରୁ ରାଜସ୍ୱ ନୀରିକ୍ଷକ ଏବଂ ଅନ୍ୟ କର୍ମଚାରୀମାନେ ନିବୃତ୍ତ ରହିବେ ବୋଲି କହିଛନ୍ତି। ଚଳିତ ମାସ ୧୧ ତାରିଖ ଦିନ ସକାଳ ୯ ଟା ୨୦ ମିନିଟ ସମୟରେ ନାଳ ଠାରୁ ଅଳ୍ପ ଦୂର ସାହୁ ସାହି କ୍ଲବ ଘର ନିକଟରେ ସ୍କ୍ୱାର୍ଡ କର୍ମଚାରୀ ଦୁଇଟି ଟ୍ରାକ୍ଟରକୁ ଅଟକାଇ ଡ୍ରାଇଭରଙ୍କୁ ଟ୍ରାନଜିଟ ପାସ ମାଗିଥିଲେ। ଗାଡିର ଯାଞ୍ଚ ସମୟରେ ଗୋଟିଏ ଟ୍ରାକ୍ଟର ଘଟଣା ସ୍ଥଳକୁ ବଳପୂର୍ବକ ଖସି ଯାଇଥିବାବେଳେ ଅନ୍ୟ ଏକ ଟ୍ରାକ୍ଟର ସ୍କ୍ୱାର୍ଡ ହାତରେ ଧରା ପଡିଥିଲା। ଉକ୍ତ ଟ୍ରାକ୍ଟରର ଡ୍ରାଇଭର ସ୍କ୍ୱାର୍ଡ କର୍ମଚାରୀଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହ ଫୋନରେ ଅନ୍ୟମାନଙ୍କୁ ଡକାଇଥିଲେ। ଫୋନରେ ସୂଚନା ପାଇ ସୁରେଶ କୁମାର ଜେନା,ବିଜୟ କୁମାର ଜେନାଙ୍କ ସମେତ ଅନ୍ୟ ୧୨ରୁ ୧୫ଜଣ ସଂଘବଦ୍ଧ ହୋଇ ସାହୁସାହି କ୍ଲବ ଘର ନିକଟରେ ବଲେରୋ ଗାଡି ଅଟକାଇ ଗଣ୍ଡଗୋଳ କରି ସ୍କ୍ୱାର୍ଡ କର୍ମଚାରୀଙ୍କୁ ଠେଙ୍ଗା, ବାଡି, ବେଲଚା, କୋଦାଳ ସାହାଯ୍ୟରେ ମରାଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ କେତେକ ସ୍କ୍ୱାର୍ଡ କର୍ମଚାରୀ ଆହତ ହୋଇଥିଲେ। ଏନଫୋର୍ସମେର୍ଟ ସ୍କ୍ୱାର୍ଡରେ ପଞ୍ଚୁପଲ୍ଲୀ ଆରଆଇ ବିଶ୍ୱନାଥ ସାହୁ, ଏଆରଆଇ ନକୁଳ ସେଠୀ, କନ୍ତ ଆରଆଇ ସୟ ନାୟକ, କଣ୍ଟିପାଳ ଆରଆଇ ମନୋରନ ନାୟକ ଥିଲେ। ଜୀବନ ଭୟରେ କୌଶଳ କ୍ରମେ ସ୍କ୍ୱାର୍ଡର କର୍ମଚାରୀମାନେ ଘଟଣା ସ୍ଥଳରୁ ପଳାଇ ଆସିଥିଲେ। ଏ ନେଇ ସୟ କୁମାର ନାୟକ ଏବଂ ବିଶ୍ୱନାଥ ସାହୁ ଘଷିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ କେସ ନଂ ୨୫୪/୨୦୨୧ରେ ମାମଲା କରି ୨୯୪, ୩୨୩, ୩୩୨,୩୪୧, ୩୫୩,୫୦୬, ୩୪ରେ ଦଫାରେ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ମୁଖ୍ୟ ଆସାମୀ ସୁରେଶ କୁମାର ଜେନା ଫେରାର ଅଛି। ରାଜ୍ୟର ସମ୍ବେଦନଶୀଳ ଆନନ୍ଦପୁର ଉପଖଣ୍ଡରେ ଲଘୁ ଖଣିଜ ସମ୍ପଦ ବାଲି, ପଥର, ମୋରମ, ମାଟି ଚୋରୀ ବୃଦ୍ଧି ପାଉଛି। ଚୋରୀ ରୋକିବା ପାଇଁ ନିୟୋଜିତ ଥିବା ସ୍କ୍ୱାର୍ଡକୁ ଅପସାରଣ କରାଯାଇଛି। ଏହାର ସୁଯୋଗରେ ମାଫିଆମାନେ ସକ୍ରୀୟ ହୋଇ ଖଣିଜ ସମ୍ପଦ ଲୁଟୁଛନ୍ତି। ଯାହାଦ୍ୱାରା ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱହାନୀ ହେବା ସହିତ ପରିବେଶ ନଷ୍ଟ ହେଉଛି। ଚୋରୀ ରୋକିବାକୁ ଯାଉଥିବା କ୍ଷେତ୍ର କର୍ମଚାରୀମାନେ ବର୍ତ୍ତମାନ ପରିସ୍ଥିତିରେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ମାଫିଆମାନେ ବିଭିନ୍ନ ସମୟରେ ରାଜସ୍ୱ କ୍ଷେତ୍ର ଅଧିକାରୀଙ୍କୁ ବାରମ୍ବାର ଆକ୍ରମଣ କରୁଥିବାରୁ କାର୍ଯ୍ୟରତ କର୍ମଚାରୀଙ୍କ ଜୀବନପ୍ରତି ବିପଦ ରହିଛି। ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ ସମୟରେ ସଂଘର ସଭାପତି ଭୁବନାନନ୍ଦ ନାୟକ,ସମ୍ପାଦକ ସତ୍ୟବ୍ରତ ସାହୁ,ସଦସ୍ୟ ନିହାର ରନ ସେଠୀ,ପୁରୁଷୋତ୍ତମ କୁଅଁର,ସୁଶାନ୍ତ କୁମାର ଦ୍ୱିବେଦୀ,ଜ୍ଞାନରନ ପାତ୍ର,ଅନୀତା ମହାନ୍ତ,ନକୁଳ ସେଠୀ,ସୟ ନାୟକ,ମନରନ ନାୟକ,ବିଶ୍ୱନାଥ ସାହୁ,ସମ୍ପଦ କୁମାର ପ୍ରଧାନ,ପ୍ରଫୁଲ୍ଲ ନନ୍ଦ ପ୍ରମୁଖ ସ୍କ୍ୱାର୍ଡ କର୍ମଚାରୀଙ୍କୁ ସୁରକ୍ଷା ଦେବାକୁ ଦାବୀ କରିଥିଲେ। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ ସହ ସ୍କ୍ୱାର୍ଡ କର୍ମଚାରୀଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପ୍ରତିଶୃତି ଦେଇଥିଲେ।



# ଭାଗବତ ଟୁଙ୍ଗୀ ପାଇଁ ମାଇକ୍ ସେଟ୍ ଓ ବ୍ୟାସାସନ ବିତରଣ ସମାରୋହ

କେନ୍ଦୁଝର,(ପ.ଏନ):ଓଡ଼ିଶା ସରକାରଙ୍କ 'ଭାଗବତ ଟୁଙ୍ଗୀ ପୁନରୁଦ୍ଧାର ଯୋଜନା'ରେ କେନ୍ଦୁଝର ଜିଲ୍ଲାରେ ଯୋଗ୍ୟ ବିବେଚିତ ୧୪୦ଟି ଭାଗବତ ଟୁଙ୍ଗୀ ପାଇଁ ମାଇକ୍ ସେଟ୍ ଓ ବ୍ୟାସାସନ ପ୍ରଦାନ କରାଯାଇଛି । ଚଳିତ ଡିସେମ୍ବର ୧୬ ତାରିଖ ଗୁରୁବାର ଦିନ ଜିଲ୍ଲା ସଂସ୍କୃତି ଭବନଠାରେ ଆୟୋଜିତ ସମାରୋହରେ ଜିଲ୍ଲାପାଳ ଆଶିଷ ଠାକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଗବତ ଟୁଙ୍ଗୀର ତତ୍ତ୍ୱାବଧାରକଙ୍କୁ ମାଇକ୍ ସେଟ୍ ଓ ବ୍ୟାସାସନ ବିତରଣ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ସହିତ ଏହାକୁ ଅଧିକ କ୍ରିୟାଶୀଳ କରିବାରେ ରାଜ୍ୟ ସରକାରଙ୍କ ଉକ୍ତ ଯୋଜନା ବେଶ୍ ଫଳପ୍ରଦ ହେବ ବୋଲି କହିଥିଲେ । ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା ଏବଂ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟରେ ଭାଗବତ ଟୁଙ୍ଗୀମାନଙ୍କର ପୁନରୁଦ୍ଧାର କ୍ଷେତ୍ରରେ ସରକାରଙ୍କ ଯୋଜନା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ । ଉଦ୍‌ବୋଧନ ଛଳରେ କହିଥିଲେ ଯେ ଓଡିଆ ଭାଗବତ ଓଡିଆ ଜାତିର ଅସ୍ମିତା ଏବଂ ଓଡିଆ ସଂସ୍କୃତିର ମୂଳ ପରିଚୟ ତଥା ଭାରତୀୟ ଭକ୍ତି ଆନ୍ଦୋଳନର ଅନ୍ୟତମ ଶ୍ରେଷ୍ଠ କାବ୍ୟ ରୂପ । ସମାଜରେ ଶାନ୍ତି, ସତ୍ୟ, ନ୍ୟାୟ, ଭାଇଚାରା, ମୈତ୍ରୀ, ସଦଭାବ ପ୍ରତିଷ୍ଠା ସହ ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଭାଗବତ ସବୁବେଳେ ଆଲୋକବର୍ତିକା ସାଜିଛି ଏବଂ ସୁସ୍ଥ ସମାଜ ଗଠନ ଦିଗରେ ବାର୍ତା ଦେଉଛି । ଏଣୁ ଭଗବତ ସଂସ୍କୃତିକୁ ଅଧିକ ବ୍ୟାପକ କରିବା ପାଇଁ ପ୍ରଚାର ପ୍ରସାର ନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଉପନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର ସଂଜୀବ ବାରିକ ସମାରୋହର ସଂଚାଳନା କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ରାଜ୍ୟ ସରକାରଙ୍କ ନ୍ତଭାଗବତ ଟୁଙ୍ଗୀ ପୁନରୁଦ୍ଧାର ଯୋଜନାନ୍ତର ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମ ସଂପର୍କରେ ବିଶଦ ଭାବେ ଅବତାରଣା କରିଥିଲେ । ଏତଦ୍‌ବ୍ୟତୀତ ଜିଲ୍ଲାର ବିଭିନ୍ନ ଅଂଚଳର ଭାଗବତ ପ୍ରେମୀମାନେ ଓଡିଆ ଭାଗବତ ଟୁଙ୍ଗୀ ପୁନରୁଦ୍ଧାର ଯୋଜନା ପାଇଁ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଥିଲେ । ସୂଚନାଯୋଗ୍ୟ ଯେ ନ୍ତଭାଗବତ ଟୁଙ୍ଗୀ ପୁନରୁଦ୍ଧାର ଯୋଜନାନ୍ତରେ ସରକାର ପ୍ରତି ଟୁଙ୍ଗୀ ପାଇଁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ସେଥିମଧ୍ୟରୁ ୧୦ ହଜାର ଟଙ୍କା ମାଇକ୍ ସେଟ୍ ଓ ବ୍ୟାସାସନ କ୍ରୟ ବାବଦକୁ ଏବଂ ୪୦ ହଜାର ଟଙ୍କା ଭାଗବତ ଟୁଙ୍ଗୀର ତତ୍ତ୍ୱାବଧାରକ ଏବଂ ବି.ଡି.ଓ.ଙ୍କ ପ୍ରତିନିଧିଙ୍କ ନାମରେ ଜଏଂଟ୍ ପାସବୁକ୍‌ରେ କରପସ୍ ଫଣ୍ଡ ଆକାରରେ ଜମା ରହୁଛି ଏବଂ ସୁଧ ଅର୍ଥରେ ଟୁଙ୍ଗୀର ନିତ୍ୟ ନୈମିତିକ ରୀତିନୀତି ପାଇଁ ଖର୍ଚ୍ଚ କରାଯାଇପାରିବ ବୋଲି ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ମନସ୍ୱିନୀ ରାଉତ ସୂଚନା ଦେଇଛନ୍ତି ।

# ଶୁଆକାଟୀ ଆଶ୍ରମ ବିଦ୍ୟାଳୟରେ ସାନିଟାଇଜର କାର୍ଯ୍ୟକ୍ରମ

କେନ୍ଦୁଝର,(ପ.ଏନ): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଶୁଆକାଟୀ ଆଶ୍ରମ ବିଦ୍ୟାଳୟରେ ଆଜି ସାନିଟାଇଜ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ବିକାଶ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିବେଶର ଚତୁଃପାର୍ଶ୍ୱ,ଶ୍ରେଣୀଗୃହ, ଆବାସିକ କକ୍ଷକୁ ସମ୍ପୂର୍ଣ୍ଣ ଭାବରେ ସାନିଟାଇଜର କରିବା ପାଇଁ ନିଷ୍ପତ୍ତି ନେଇ ଆଜି ତାର ଶୁଭାରମ୍ଭ କରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ୨ବର୍ଷ ହେବ କରୋନା ମହାମାରୀ ଯୋଗୁଁ ଶିକ୍ଷାଦାନରେ ଘୋର ବାଧାପ୍ରାପ୍ତ ହୋଇଛି। ଆଶ୍ୱାସନାର ବିଷୟ ସରକାର ପୁଣି ଆଉଥରେ ଶିକ୍ଷାଦାନକୁ ପର୍ଯ୍ୟାୟ ଭିତ୍ତିକ ଭାବେ ଚାଲୁ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଅନ୍‌ଲାଇନ୍ ମାଧ୍ୟମରେ ଯଦିଓ ଶିକ୍ଷାଦାନ ଚାଲୁଥିଲା ବହୁ ଛାତ୍ରଛାତ୍ରୀଙ୍କ ପାଖରେ ସ୍ମାର୍ଟଫୋନ୍ ଉପଲବ୍ଧ ନଥିବାରୁ ତାହା ଅନେକାଂଶରେ ଅସଫଳ ହୋଇଛି । ଯଦି ଆମ୍ଭମାନଙ୍କର ଧାରଣା ଥାଏ ଯେ କରୋନା ମହାମାରୀ ଆମ ପାଖରୁ ଦୂରେଇ ଯାଇଛି ତାହା ସମ୍ପୂର୍ଣ୍ଣ ଭୁଲ । ସେଥିପ୍ରତି ଆମ୍ଭ ମାନଙ୍କୁ ସଚେତନ ରହିବା ନିହାତି ଆବଶ୍ୟକ । ପ୍ରକାଶଯୋଗ୍ୟ ଯେ ଶ୍ରୀଯୁକ୍ତ ଶତପଥୀ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଯେଉଁ ଯେଉଁ ବିଦ୍ୟାଳୟ ମାନଙ୍କରେ କାର୍ଯ୍ୟ କରିଛନ୍ତି ସେସବୁ ବିଦ୍ୟାଳୟରେ ଶତପ୍ରତିଶତ ଉତ୍ସର୍ଗୀକୃତ ଭାବେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି । ଆହୁରି ମଧ୍ୟ ଆମ୍ଭ ମାନଙ୍କ ନିକଟରେ ଯାହା ଖବର ଅଛି ଶ୍ରୀଯୁକ୍ତ ଶତପଥୀ ବିଗତ ଦିନରେ ଯେଉଁ ବିଦ୍ୟାଳୟରେ କାର୍ଯ୍ୟ କରୁଥିଲେ ତାହା ବିଭାଗୀୟ ସଂସ୍ଥାର ଉଦାହରଣ ବିଦ୍ୟାଳୟ ଭାବେ ଅନେକ ସମୟରେ ପରିଚୟ ସୃଷ୍ଟି କରିଥାଏ । ଯଦି ସବୁ ଅନୁସୂଚିତ ଜାତି, ଜନଜାତି ଆବାସିକ ବିଦ୍ୟାଳୟ ମାନଙ୍କର ପ୍ରଧାନଶିକ୍ଷକ ଏହିଭଳି ସଚେତନ ହୁଅନ୍ତେ ତେବେ ସବୁ ଆବାସିକ ଆଶ୍ରମ ବିଦ୍ୟାଳୟ ଗୁଡ଼ିକ ଅନ୍ୟ ବିଦ୍ୟାଳୟ ତୁଳନାରେ ଉଦାହରଣ ସୃଷ୍ଟି କରନ୍ତା । ସେଥିପାଇଁ ଶ୍ରୀ ଶତପଥିଙ୍କ ଆଦର୍ଶରେ ଅନ୍ୟ ଶିକ୍ଷକମାନେ ଅନୁପ୍ରେରିତ ହେବାକୁ ସାଧାରଣରେ ଆଲୋଚନା ହେଉଛି। ପ୍ରଧାନଶିକ୍ଷକ ଶ୍ରୀ ଶତପଥୀଙ୍କ ଏହିଭଳି ପଦକ୍ଷେପକୁ ସ୍ଥାନୀୟ ଅଂଚଳରେ ସ୍ୱାଗତ କରାଯାଇଛି ।

# ଲେବର ପ୍ରୋଗ୍ରେସିଭ ଫେଡ଼େରେସନ ସହ ୨୦ଟି ଶ୍ରମିକ ସଂଗଠନ ସହବନ୍ଧିତ କାର୍ଯ୍ୟକ୍ରମ

ଭୁବନେଶ୍ୱର, (ପି.ଏନ): ଦେଶର ଏକ ପ୍ରମୁଖ ଓ ଅଗ୍ରଣୀ କେନ୍ଦ୍ରୀୟ ସଂଗଠନ ଲେବର ପ୍ରୋଗ୍ରେସିଭ ଫେଡ଼େରେସନ (ଏଲ୍.ପି.ଏଫ୍) ଓଡ଼ିଶାରେ ବିଧିବଦ୍ଧ ଭାବେ ବୁଧବାର ସ୍ଥାନୀୟ ବିଦ୍ୟୁତ୍ ଯୁଥ୍ କ୍ଲବଠାରେ ଏହାର କାର୍ଯ୍ୟକ୍ରମ ଆରମ୍ଭ କରିଛି। ଦେଶର ଉଭୟ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରେ ତଥା ବ୍ୟାଙ୍କ, ରେଲୱେ, ପ୍ରତିରକ୍ଷା, ଟେଲିକମ୍, ଲୌହ, ଇସ୍ପାତ, ଆଲୁମିନିୟମ, ଖଣି, ଖଦାନ, ବିଦ୍ୟୁତ୍, ଶିଳ୍ପ ଆଦି କ୍ଷେତ୍ରରେ କାର୍ଯ୍ୟରତ ଅସଂଖ୍ୟ ଶ୍ରମିକ ସମୂହଙ୍କ ସୁରକ୍ଷା ତଥା ଅଧିକାର ପାଇଁ ଆଜିକୁ ଦୀର୍ଘ ପାଂଚ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ସଂଗ୍ରାମ କରି ଆସୁଥିବା ଉକ୍ତ ସଂଗଠନ ୨୦୦୮ ମସିହାରୁ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଭାବେ ଭାରତ ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ମାନ୍ୟତା ପାଇବା ପରଠାରୁ ଏହାର କାର୍ଯ୍ୟକ୍ରମ ୧୯ଟି ରାଜ୍ୟ ଓ ୬ଟି କେନ୍ଦ୍ରଶାସିତ ଅଞ୍ଚଳରେ ଜାରି ରଖିଥିବା ସ୍ଥଳେ ଓଡ଼ିଶା ଭଳି ଏକ ଶ୍ରମିକ ଓ କୃଷକ ବହୁଳ ରାଜ୍ୟରେ ଏହାର ଉପସ୍ଥିତି ଶ୍ରମିକ ଓ କୃଷକ ଆନ୍ଦୋଳନକୁ ଏକ ନୂତନ ଦିଶା ଦେବାରେ ଆଶା ସଂଚାର କରିଛି। ଏହାକୁ କେନ୍ଦ୍ରୀୟ ମାନ୍ୟତା ତଥା ଆନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇ.ଏଲ୍.ଓ) ମାନ୍ୟତା ହାସଲ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଶିଷ୍ଟ ଶ୍ରମିକ ନେତା ଏମ୍. ସାନ୍‌ମୁଗମ ଏହାର ଜାତୀୟ ମହାସଚିବ ଭାବେ ଅବସ୍ଥାପିତ ହୋଇଥିବା ସ୍ଥଳେ ବର୍ତମାନ ତାମିଲନାଡୁର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏହାର ଜାତୀୟ ଆବାହକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି।ଏହି ପରିପ୍ରେକ୍ଷୀରେ ଓଡ଼ିଶା ପରି ଏକ ଶ୍ରମିକ ଓ କୃଷକ ବହୁଳ ରାଜ୍ୟରେ ଏହାର କାର୍ଯ୍ୟକ୍ରମ ପରିଚାଳନା କରିବା ପାଇଁ ଓଡ଼ିଶା ରାଜ୍ୟର ପ୍ରଥମ ସଭାପତି ତଥା ଜାତୀୟ ଉପସଭାପତି ଭାବେ ବିଶିଷ୍ଟ ଶ୍ରମିକ ନେତା ବିରେନ୍ଦ୍ର ପ୍ରସାଦ ଦାସ, ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା କେନ୍ଦ୍ରୀୟ ପ୍ରଶାସନିକ କମିଟି ସଦସ୍ୟ ଭାବେ ଶ୍ରମିକ ନେତା ତଥା ସମବାୟବିତ୍ ମଧୁସୂଦନ ପ୍ରଧାନ ଓ ରାଜ୍ୟ ସାଧାରଣ ସମ୍ପାଦକ ତଥା କେନ୍ଦ୍ରୀୟ ପ୍ରଶାସନିକ ସଦସ୍ୟ ଭାବେ ଅଗ୍ରଣୀ ଯୁବ ଶ୍ରମିକ ନେତା ମନୋରଞ୍ଜନ ମହାରଣାଙ୍କୁ ମନୋନୀତ କରାଯାଇଛି।

# ରାଷ୍ଟ୍ରାୟତ ବ୍ୟାଙ୍କ୍ ଗୁଡିକରେ ୨ ଦିନିଆ ଧର୍ମଘଟ ଡାକରା

କେନ୍ଦୁଝର,(ପ.ଏନ):ସଂପ୍ରତି ୯ ଗୋଟି ମିଳିତ ସଂଘ ଆନୁକୂଲ୍ୟରେ ଆଜି ସମଗ୍ର ଭାରତ ବର୍ଷରେ ରାଷ୍ଟ୍ରାୟତ ବ୍ୟାଙ୍କ୍ ଧର୍ମଘଟକୁ ଓହ୍ଲାଇଛନ୍ତି । ସଂଘ ଡାକରାରେ କେନ୍ଦୁଝର ଆଂଚଳିକ ପ୍ରବନ୍ଧକ କାର୍ଯ୍ୟାଳୟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସମସ୍ତ କର୍ମଚାରୀ ଏଥିରେ ଭାଗ ନେଇଛନ୍ତି । ଦେଶରେ ସରକାର ବ୍ୟାଙ୍କ୍ ଗୁଡିକୁ ଘରୋଇକରଣ କରିବାକୁ ଯୋଜନା କରିଥିବା ଯୋଗୁଁ ଉକ୍ତ କଳା ଆଇନ୍‌କୁ ତୁରନ୍ତ ପ୍ରତ୍ୟାହାର ନେବାକୁ ରାଜ୍ୟ ବ୍ୟାଙ୍କ୍ ଆସୋସିଏସନ୍ କର୍ମଚାରୀର ସାଧାରଣ ସମ୍ପାଦକ ଅକ୍ଷୟ କୁମାର ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ଅତ୍ୟନ୍ତ କଟୁ ସମାଲୋଚନା କରିଛନ୍ତି । ମୁଖ୍ୟବକ୍ତା ନିଶାକର ନାଏକ ତାଙ୍କର ନିଜସ୍ୱ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଆନ୍ଦୋଳନରେ ସାମିଲ ହୋଇଥିବା ୯ଟି ସଂଗଠନର ୧୦ଲକ୍ଷ କର୍ମଚାରୀ ସରକାରଙ୍କ ଏହି କଳା ଆଇନ୍ ଯୋଗୁଁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ତତ୍ ସଙ୍ଗେ ସଙ୍ଗେ ଶ୍ରୀ ନାଏକ ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ ହଜାର ହଜାର କୋଟି ଟଙ୍କା ଋଣ ନେଇ ଋଣ ପରିଶୋଧ ନକରି ଦେଶ ବାହାରକୁ ଚାଲି ଯାଉଛନ୍ତି ଏଥିରେ ସରକାରଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନ ରହୁଛି । ସରକାର ଯଦି ସବୁ ସଂସ୍ଥାକୁ ଘରୋଇକରଣ କରିବେ ତେବେ ସରକାରଙ୍କ ଭୂମିକା କଣ ? ବରଂ ବୁଦ୍ଧିଜିବୀ କୁହନ୍ତି ଯେ ସରକାର ମଧ ଘରୋଇକରଣ ହେବା ଉଚିତ୍ । ସରକାର ଘରୋଇକରଣ ହେଲେ ନିଶ୍ଚିତ ଭାବେ ଏହା ଜନସାଧାରଣଙ୍କ ପାଇଁ ଉତ୍ତରଦାୟୀ ହେବ । ଏଣୁ ଆଗାମୀ ଦିନରେ ସରକାର ଯଦି ଏ କଳା ଆଇନ୍ ପ୍ରତ୍ୟାହାର ନକରିନ୍ତି ତେବେ ଚାଷୀ ଆନ୍ଦୋଳନ ପରି ଏହା ବିସ୍ଫୋରକ ରୂପ ନେବ । ଏଥି ସକାଶେ ସମଗ୍ର କର୍ମଚାରୀ ଏକଜୁଟ୍ ହେବାପାଇଁ ଆହ୍ୱାନ ରଖାଯାଇଥିଲା । ସଂଘ ନିଷ୍ପତ୍ତି ଅନୁସାରେ ତା- ୧୭.୧୨.୨୦୨୧ରିଖ ଷ୍ଟେଟ୍ ବ୍ୟାଙ୍କ୍ ସମ୍ମୁଖରେ ପ୍ରତିବାଦ କରାଯିବ ବୋଲି ସୂଚନା ପ୍ରଦାନ କରିଥିଲେ । ଉକ୍ତ ଆନ୍ଦୋଳନରେ ସୟ କୁମାର ସାହୁ, ସୁବାଷ ଦାସ, ହରିଶଙ୍କର ନାଏକ, ରଶ୍ମିରନ ସାହୁ, ନିବେଦିତା ସାହୁ, ମୋନାଲିସା ନାଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

# ଗଞ୍ଜାମ ଜିଲ୍ଲାରେ ସ୍ମାର୍ଟ ହେଲଥ୍ କାର୍ଡ ବାଂଟିଲେ ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗଞ୍ଜାମ ଜିଲ୍ଲାର ଜଗନ୍ନାଥ ପ୍ରସାଦ ଏବଂ ଭଞ୍ଜନଗର ବ୍ଲକ୍ ର ବିଭିନ୍ନ ଗ୍ରାମପଂଚାୟତରେ ହିତାଧିକାରୀମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନ କରିଛନ୍ତି । ଡିସେମ୍ବର ୧୨ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ହିତାଧିକାରୀମାନଙ୍କୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିବା ପରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ବଂଟନ କାର୍ଯ୍ୟ ଜାରି ରହିଛି । ସ୍ମାର୍ଟ କାର୍ଡ ବିତରଣ ଅବସରରେ ମନ୍ତ୍ରୀ ଶ୍ରୀ ଆରୁଖ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ଆଜି ଓଡ଼ିଶାରେ ବିଭିନ୍ନ ଜନହିତକାରୀ ଯୋଜନାର ପ୍ରଣୟନ ଓ ରୂପାୟନ ସଫଳତା ଲାଭ କରିଛି। ଏହି ସ୍ମାର୍ଟ ହେଲ୍‌ଥ କାର୍ଡ ସାରା ଦେଶରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଇତିହାସ ସୃଷ୍ଟି କରିଛି। ଭଞ୍ଜନଗର ଏବଂ ଜଗନ୍ନାଥ ପ୍ରସାଦ ବ୍ଲକ୍ ଅଂଚଳର ଯଥାକ୍ରମେ ୧ ଲକ୍ଷ ୦୨ ହଜାର ୫୯୭ ଏବଂ ୯୯ ହଜାର ୨୨୫ ହିତାଧିକାରୀ ଏହି କାର୍ଡ ଦ୍ୱାରା ଉପକୃତ ହେବେ। ଜଗନ୍ନାଥ ପ୍ରସାଦ ବ୍ଲକ୍ ର ବରଗାଁ, ବି.ଡ଼ି.ପୁର, ଝାଡ଼ଭୂମି, ବୁଡୁରୁଙ୍ଗ, ଛାମୁଣ୍ଡା, ଅଲାଡ଼ି, ଖମାରପଲ୍ଲୀ, ଅଢ଼େଇ ଗାଁ ଗ୍ରାମପଂଚାୟତ ଓ ଭଞ୍ଜନଗର ବ୍ଲକ୍ ର ଡୁମାକୁମ୍ପା, ସାନକୋଦଣ୍ଡା, ବଡ଼କୋଦଣ୍ଡା, କୁଲାଡ଼, ତୁରୁମୁ, ଗୋଲାପଡ଼ା ଏବଂ ଡିହପଢ଼ାଳ ଗ୍ରାମପଂଚାୟତ ଅଂଚଳରେ ମନ୍ତ୍ରୀ ଶ୍ରୀ ଆରୁଖ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା

# ମୟୂରଭଞ୍ଜରେ ବିକାଶ ପାଗଳ ହୋଇଛି

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ବିକାଶ ପାଗଳ ହୋଇଯାଇଛି । ବିଜେପି ପୂର୍ବ ଭାରତରେ ବିକାଶର ସୂର୍ଯ୍ୟୋଦୟ ମୟୂରଭଞ୍ଜ ଜିଲ୍ଲାରୁ ଆରମ୍ଭ ହେବାର ନାରା ଦେଇଥିବା ବେଳେ ବିଜେଡ଼ି କଥାରେ ନୁହେଁ କାର୍ଯ୍ୟ କରିବାରେ ବିଶ୍ୱାସ ରଖେ ନାରା କେବଳ ସ୍ଲୋଗାନ ମଧ୍ୟରେ ସିମୀତ ରହିଯାଇଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଜନସାଧାରଣଙ୍କ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ବିକାଶକୁ ଦୃଷ୍ଟିରେ ରଖି ମାଳମାଳ ଯୋଜନା ପ୍ରଚଳନ କରି ଚାଲିଥିବା ସମୟରେ ଏହାର ସଠିକ୍ ରୂପାୟନ ସମ୍ଭବ ହୋଇପାରୁ ନାହିଁ । ଫଳରେ ବିକାଶ ନାମରେ ଆସୁଥିବା ଅର୍ଥ ବାଟବଣା ହେବାରେ ଲାଗିଛି । ସ୍ୱାଧୀନତାର ୭୪ ବର୍ଷ ପରେ ମଧ୍ୟ ଜିଲ୍ଲାବାସୀ ମୌଳିକ ସୁବିଧାସୁଯୋଗରୁ ବଂଚିତ ହୋଇ ଆସୁଛନ୍ତି । କେଉଁଠି ପିଇବା ପାଣି ସମସ୍ୟାରେ ଜନସାଧାରଣ ଡ଼ହଳବିକଳ ହେଉଛନ୍ତି ପୁଣି କେଉଁଠି ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ । ସେହିପରି ଗମନାଗମନ, ଜଳସେଚନ ଆଦି ବିଭିନ୍ନ ସମସ୍ୟା ମଧ୍ୟ ଦେଇ କେଉଁଠି ନା କେଉଁଠି ମୟୂରଭଞ୍ଜ ଜିଲ୍ଲାର ଜନସାଧାରଣ ସମ୍ମୁଖୀନ ହେଉଥିବା ବେଳେ ଏହାର ସ୍ଥାୟୀ ପ୍ରତିକାର ସମ୍ଭବ ହୋଇପାରି ନାହିଁ । ଯଦିଓ ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାରୁ ୯ ବିଧାନସଭା ମଧ୍ୟରୁ ୬ଟିରୁ ଅନୁସୂଚିତ ଜନଜାତି, ଗୋଟାଏ ଅନୁସୂଚିତ ଜାତି ଏବଂ ଅନ୍ୟଟି ସାଧାରଣ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରହିଥିବା ସମୟରେ ଲୋକସଭା ଆସନ ଅନୁସୂଚିତ ଜନଜାତି ପାଇଁ ସଂରକ୍ଷିତ ରହିଛି । ତଥାପି ନିର୍ବାଚିତ ଜନ ପ୍ରତିନିଧିମାନେ ଜନସାଧାରଣଙ୍କ ବୃହତ ସାମୂହିକ ସ୍ୱାର୍ଥ ସାଧନ ନିମନ୍ତେ କୌଣସି କାରଣରୁ ଆନ୍ତରିକତା ପ୍ରଦର୍ଶନ କରୁ ନ ଥିବା ବେଳେ ବିରୋଧୀ ସ୍ଥଳ ବିଶେଷରେ ସମସ୍ୟାକୁ କେବଳ ନିଜର ରାଜନୈତିକ ଫାଇଦାରେ ବ୍ୟବହାର କରିଆସୁଛି । ଏହାର ନଗ୍ନ ଉଦାହରଣ ପାଲଟିଛି ମୁଖ୍ୟମନ୍ତ୍ରୀ ନବୀନଙ୍କ ସରକାରରେ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ଥିବା ସୁଦାମ ମାର୍ଣ୍ଡିଙ୍କ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ତଥା ବାଙ୍ଗିରିପୋଷି ବ୍ଲକ ଅଧୀନ ବ୍ରାହ୍ମଣ ଗାଁ ପଞ୍ଚାୟତ ସୋରିଷପାଳ ଗ୍ରାମ ନିକଟ ବୃଢ଼ାବଳଙ୍ଗ ନଦୀର ରେସୁଣ ଘାଟ । ଏଠାରେ ନଦୀ ପାର ହେବା ନିମନ୍ତେ ସେତୁ ଟିଏ ନିର୍ମାଣ ଦୂରର କଥା ନାହିଁ ଡଙ୍ଗାର ବ୍ୟବସ୍ଥା । ବର୍ଷ ବର୍ଷ ଧରି ନଦୀ ପାର ହେବା ନିମନ୍ତେ ଜନସାଧାରଣଙ୍କର ଏକ ମାତ୍ର ଭରସା ବାଉଁଶ ନିର୍ମିତ ଭେଳା । ଉକ୍ତ ଘାଟରେ ପ୍ରତ୍ୟେକ ଦିନ ଶହ ଶହ ଲୋକ ନିଜ ଜୀବନକୁ ବାଜିରେ ଲଗାଇ ବିପଦ ଶଙ୍କୁଳ ଅବସ୍ଥାରେ ନଦୀ ପାର ହେଉଥିବାର ଦେଖିବାକୁ ମିଳିଥାଏ । ଟ୍ରକ, ବସ ଆଦି ଚାରି ଚକିଆ ଯାନର ଟାୟାରରେ ବ୍ୟବହାର ହେଉଥିବା ୬ଟି ଟିଉବ୍ ଉପରେ ବାଉଁଶ ବିଛାଯାଇ ଭେଳା ପ୍ରସ୍ତୁତ କରାଯାଇଛି । ଏଥି ସହିତ ଏକ ଦଉଡ଼ିକୁ ନଦୀର ଦୁଇ ପାର୍ଶ୍ୱରେ ଖୁଂଟ ପୋତା ଯାଇ ସେଥିରେ ଦଉଡ଼ିର ଦୁଇ ମୁଣ୍ଡକୁ ବନ୍ଧା ଯାଇଛି । ଦଉଡ଼ିକୁ ଧରି ଭେଳାରେ ନଦୀର ଗୋଟାଏ ପାର୍ଶ୍ୱରୁ ଅପର ପାର୍ଶ୍ୱକୁ ପାରି ହୋଇଥାନ୍ତି । ସେହିପରି ଭେଳାରେ ଏକା ଥରକେ ୫ରୁ ୬ ବାଇକ ଧରି ଏ କୂଳରୁ ସେ କୂଳକୁ ଲୋକମାନେ ପାରି ହେଉଥିବାର ଦେଖିବାକୁ ମିଳିଛି । ନଦୀ ପାରି ହେବା ନିମନ୍ତେ ଆଖ ପାଖରେ କୌଣସି ପୋଲର ବ୍ୟବସ୍ଥା ନ ଥିବା କାରଣରୁ ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ, ବୃଦ୍ଧା, ଯୁବକ, ଯୁବତୀଙ୍କ ସହ ରୋଗୀଙ୍କୁ ତୁରନ୍ତ ଚିକିତ୍ସାଳୟରେ ପହଁଞ୍ଚାଇବା ନିମନ୍ତେ ଏହି ଭେଳା ଏକ ମାତ୍ର ବିକଳ୍ପ ପାଲଟିଯାଇଛି ବୋଲି ନଦୀ ପାରି ହେଉଥିବା ସ୍ୱାସ୍ଥ୍ୟକର୍ମୀ ସୀତା ମାର୍ଣ୍ଡି, ସୁଶୀଲ ପୃଷ୍ଟି ଓ ସ୍ଥାନୀୟ ବାସିନ୍ଦା ଭୁଜୁ ମାର୍ଣ୍ଡି ପ୍ରମୁଖଙ୍କ ସହ ଭେଳା ଚାଳକ ବେଣୁଧର ମହାକୁଡ଼ କହିଛନ୍ତି । ସେହିପରି ବିଧାୟକ ଓ ଜିଲ୍ଲା ପ୍ରଶାସନ ଚାହିଁଥିଲେ ସରକାରଙ୍କ ବିଜୁ ସେତୁ ଯୋଜନା ଉକ ପୋଲ ନିର୍ମାଣ ନିମନ୍ତେ ପ୍ରପୋଜାଲ ଦେଇ ପାରିଥାନ୍ତେ । କିନ୍ତୁ ଏଥି ନିମନ୍ତେ କାହାରି ନିକଟରେ ଆନ୍ତରିକତା ନାହିଁ । ସେହିପରି ଉକ୍ତ ରେସୁଣ ନଦୀଘାଟଠାରୁ ଅଳ୍ପ କିଛି ଦୂରରେ ଥିବା ଦୋମୁହାଁଣିଠାରେ ୨୦୧୫ ମସିହାରେ ବାରିପଦା ପିଏ ଆଇଟିଡ଼ିଏ ପକ୍ଷରୁ ସାଢ଼େ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଝୁଲା ପୋଲ ନିର୍ମାଣ ନିମନ୍ତେ ବର୍ତମାନର ବାଙ୍ଗିରିପୋଷି ବିଧାୟକ ତଥା ଶ୍ରୀମାର୍ଣ୍ଡି ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଦୀର୍ଘ ଦିନର ଗମନାଗମନ ସମସ୍ୟାକୁ ଝୁଲା ପୋଲ ସମାଧାନର ରାସ୍ତା ଫିଟାଇ ଦେବାକୁ ନେଇ ଜନସାଧାରଣ ଅଧିକ ଉତ୍ସାହିତ ହୋଇପଡ଼ିଥିବା ସମୟରେ ଝୁଲା ପୋଲଟି କୂଳ ଛୁଇଁ ନ ପାରି ସବୁ ଦିନ ନିମନ୍ତେ ନଦୀ ମଝିରେ ସେମିତି ଝୁଲି ରହିଗଲା । ଯଦି ଜନତାଙ୍କ ସ୍ୱାର୍ଥରେ ଆସି ପାରିଲା ନାହିଁ, ତେବେ ଏହି ଝୁଲା ପୋଲ ପ୍ରକଳ୍ପ ନିର୍ମାଣ କାହା ସ୍ୱାର୍ଥ ସାଧନ ନିମନ୍ତେ ଉଦ୍ଦିଷ୍ଟ ରହିଥିଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ଜନତା । ଏଥି ସହିତ ମନ୍ତ୍ରୀ ଶ୍ରୀମାର୍ଣ୍ଡି ୨୦୧୪ରେ ବିଜେଡ଼ିରେ ମିଶିବା ପୂର୍ବରୁ ବିଭିନ୍ନ କଥାରେ ସରକାରଙ୍କୁ ଘେରିବା ସହ ସମାଲୋଚନା କରିଆସୁଥିଲେ । ମାତ୍ର ଶାସକ ଦଳରେ ମିଶିବା ପରେ ମୟୂରଭଞ୍ଜ ଜିଲ୍ଲା ସହ ତାଙ୍କ ନିଜସ୍ୱ ନିର୍ବାଚନ ମଣ୍ଡଳୀ ବାଙ୍ଗିରିପଷିର ସାମୂହିକ ବିକାଶ ତଥା ଉନ୍ନତି ସାଧିତ ହେବ ବୋଲି ଆଶା କରିଥିଲେ ଜନତା । ଝାମୁମୋରୁ ଦଳରୁ ଥରେ ଓ ଶାସକ ବିଜେଡ଼ି ଦଳରୁ ଦୁଇ ଦୁଇ ଥର ବିଧାୟକ ହେବା ସହ କ୍ୟାବିନେଟ ମନ୍ତ୍ରୀ ହୋଇଛନ୍ତି । ମାତ୍ର ତାଙ୍କ ନିଜ ବାସସ୍ଥାନ ରହିଥିବା ଏହି ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀ ନିମନ୍ତେ ମନ୍ତ୍ରୀ ଶ୍ରୀମାର୍ଣ୍ଡି କେତେ ଯତ୍ନବାନ ତାହା ନିଜେ ଶିଳାନ୍ୟାଶ କରିଥିବା ଦୋମୁହାଁଣି ଝୁଲା ପୋଲରୁ ବେଶ ବାରି ହୋଇପଡୁଛି ବୋଲି ସ୍ଥାନୀୟ ବାସିନ୍ଦା ରାମଚନ୍ଦ୍ର ହାଁସଦାଃ, ପ୍ରଦୀପ ମହାକୁଡ଼ ପ୍ରମୁଖ ପ୍ରକାଶ କରିଛନ୍ତି । ତେଣୁ ଏଦିଗରେ ମନ୍ତ୍ରୀ ଶ୍ରୀମାର୍ଣ୍ଡିଙ୍କ ପ୍ରତିକ୍ରିୟା ଜାଣିବା ନିମନ୍ତେ ତାଙ୍କର ସେଲ ନମ୍ବର ୯୪୩୯୨୯୭୯୦୦ରେ ଯୋଗାଯୋଗ ନିମନ୍ତେ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା । ସେହିପରି ବାରିପଦା ପିଏ ଆଇଟିଡ଼ି ବସନ୍ତ କୁମାର ସେଠୀଙ୍କ ସହ ମଧ୍ୟ ଯୋଗାଯୋଗ ହୋଇ ପାରି ନ ଥିଲା ।


# ସମସ୍ତଙ୍କ ପାଇଁ ଜଳ

**ସର୍ବସାଧାରଣ ବିଜ୍ଞପ୍ତି**

ପ୍ରତ୍ୟେକ ସହରାଞ୍ଚଳରେ ସମସ୍ତ ଗୃହକୁ ବିଶୁଦ୍ଧ ପାଇପ ଜଳ ସଂଯୋଗ ଯୋଗେଇଦେବା ନିମନ୍ତେ ଓଡ଼ିଶା ସରକାର 'ବସୁଧା'ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଉକ୍ତ ଯୋଜନା ମାଧ୍ୟମରେ ବ୍ରହ୍ମପୁର ସହରର ସମସ୍ତ ଗୃହକୁ (୧୦୦%) ପାଇପ ଜଳ ସଂଯୋଗ ଦିଆଯାଇ ସାରିଥିବା ସରକାରଙ୍କ ଦୃଷ୍ଟିକୁ ଆସିଅଛି।

ଏତଦ୍ୱାରା ଜଣାଇ ଦିଆଯାଉଛି କି, ଯଦି କୌଣସି ଗୃହକର୍ତ୍ତା ଏ ପର୍ଯ୍ୟନ୍ତ ନିଜ ଗୃହକୁ ପାଇପ ଜଳ ସଂଯୋଗୀକରଣ ସୁବିଧାକୁ ଉପଲବ୍ଧ କରି ନାହାନ୍ତି, ତେବେ ସେମାନେ ସାତ ଦିନ ମଧ୍ୟରେ ନିକଟସ୍ଥ ଜନସ୍ୱାସ୍ଥ୍ୟ (PHEO) ଅଫିସ ସହ ଯୋଗାଯୋଗ କରି ପଞ୍ଜୀକରଣ କରି ନିଅନ୍ତୁ। ଯଦି ଏହି ନୋଟିସର କୌଣସି ପ୍ରତିକ୍ରିୟା ନ ମିଳେ କିମ୍ବା ପଞ୍ଜୀକୃତ ହୋଇଥିବା ଗୃହର କାର୍ଯ୍ୟ ସମ୍ପାଦନ କରାଯାଇ ଏହି ସହରକୁ ସମ୍ପୂର୍ଣ୍ଣ ଭାବରେ ସମସ୍ତ ଗୃହକୁ (୧୦୦%) ଜଳ ସଂଯୋଗ ଦିଆଯାଇଛି ବୋଲି ଘୋଷଣା କରାଯିବ।

ଅଧିକ୍ଷଣ ଯନ୍ତ୍ରୀ
ଜନସ୍ୱାସ୍ଥ୍ୟ ବିଭାଗ, ବ୍ରହ୍ମପୁର,ଗଞ୍ଜାମ




Bhubaneswar Friday December 17, 2021 ଭୁବନେଶ୍ୱର ଶୁକ୍ରବାର, ଡିସେମ୍ବର ୧୭,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# ଅନ୍ତମହାବିଦ୍ୟାଳୟ ସ୍ତରୀୟ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ଚମ୍ପିୟାନ



ବାରିପଦ. (ପି.ଏନ): ଅନ୍ତ ମହାବିଦ୍ୟାଳୟସ୍ତରୀୟ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ବାରିପଦା ମହାବିଦ୍ୟାଳୟକୁ ହରାଇ ଚଳିତ ବର୍ଷ ଚମ୍ପିୟାନ ହୋଇଛି । ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ମାତ୍ର ଦୁଇ ୱିକେଟ ହରାଇ ୧୨୦ ରନ ସଂଗ୍ରହ କରିଥିବା ବେଳେ ବାରିପଦା ମହାବିଦ୍ୟାଳୟ ୨୦ ଓଭରରେ ସମସ୍ତ ୱିକେଟ ହରାଇ ୮୨ ରନ ସଂଗ୍ରହ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଲକ୍ଷ୍ମୀଧର ଗିରି ଉଭୟ ଟିମ୍‌କୁ ଟ୍ରଫି ଏବଂ ସାର୍ଟିଫିକେଟ ପ୍ରଦାନ କରିଥିଲେ ଏବଂ ଖେଳାଳୀମାନେ ସବୁ ସମୟରେ ଖେଳାଳି ମନୋଭାବ ରଖିବାକୁ ପରାମର୍ଶ ଦେଇଥିଲେ । ବିଶ୍ୱବିଦ୍ୟାଳୟ ଖେଳ ଶିକ୍ଷକ ପ୍ରଦୀପ୍ତ ରଂଜନ ଦାସ, ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଉପାଧକ୍ଷା ସଂଘମିତ୍ରା ରାଉତ ଏବଂ ପଦାର୍ଥ ବିଜ୍ଞାନ ଅଧାପକ ମଦନ ମୋହନ ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ତାଙ୍କ ହାଁସଦା ଗୋଟିଏ ଓଭରରେ ୩ଟି ୱିକେଟ ଅକ୍ତିଆର କରିଥିଲେ । ଶୁଭସ୍ମିତା ଆଚାର୍ଯ୍ୟ ବ୍ୟକ୍ତିଗତ ୬୦ ରନ କରିବା ସହିତ ୨ଟି ୱିକେଟ ନେଇ ମ୍ୟାନ ଅଫ୍ ଦିନ ମ୍ୟାଚ ହୋଇଥିଲେ । ଏହି ଟୁର୍ଣ୍ଣାମେଣ୍ଟକୁ ବିଶ୍ୱବିଦ୍ୟାଳୟ ତରଫରୁ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟ ଆୟୋଜନ କରିଥିଲେ ଏବଂ ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଦୀପ କୁମାର ନାୟକ ସଭାପତିତ୍ୱ କରିଥିଲେ । କି☐ କୌଶିକ ନାୟକ, ବିବେକାନନ୍ଦ ବେହେରା, ବୀରୁ ଟୁଡୁ, ଶ୍ରଦ୍ଧାଳୀ ପାତ୍ର, ସଂଗୀତା ସାହୁ, ସୁମିତ୍ରା ମାର୍ଣ୍ଡି ଓ ଅନ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିବାରେ ସାହାଯ୍ୟ କରିଥିଲେ । ଟୁର୍ଣ୍ଣାମେଣ୍ଟ ସୁରଖୁରରେ ଶେଷ ହୋଇଥିବାରୁ ପରୀକ୍ଷା ନିୟନ୍ତ୍ରକ ଡକ୍ଟର ଲକ୍ଷ୍ମୀଧର ଗିରି ଆୟୋଜକ ମହାବିଦ୍ୟାଳୟକୁ ଧନ୍ୟବାଦ ଦେଇଥିଲେ ।

## କେଡିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ : ଗଙ୍ଗାଧରପୁର ଓ ତାଳଜଙ୍ଗ ସୁପରଏଇଟ୍‌ରେ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ କଳ୍ପତରୁଦାସ ମେମୋରିଆଲର ସପ୍ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଂଟରେ ଆଜି ୨ଟି ପଡିଆରେ ଅନୁଷ୍ଠିତ ୨ ଗୋଟି ମ୍ୟାଚରେ ଗଙ୍ଗାଧରପୁର ଓ ତାଳଜଙ୍ଗ ଟିମ ବିଜୟୀ ହୋଇ ସୁପର ଆଠରେ ପ୍ରବେଶ କରିଛନ୍ତି । ଏହି ବ୍ଲକ ବାରକଣା ଖେଳପଡିଆରେ ଆଜି ଅନୁଷ୍ଠିତ ଜୋନାଲ ଫାଇନାଲ ମ୍ୟାଚରେ ଗଡମଧୁପୁର ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରୁ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ୯୯ ରନ କରିଥିଲା । ଏହାର ଜବାବରେ ତାଳଜଙ୍ଗ ଟିମ ବ୍ୟାଟି କରି ୧୧.୩ ଓଭରରେ ୪ ଉଇକେଟ ହରାଇ ୧୦୦ ରନ କରି ବିଜୟୀ ହୋଇଥିଲା । ଆଜିର ଏହି ମ୍ୟାଚକୁ ସୁବ୍ରତ ଜେନା ଓ ଶୁଭ୍ରଜିତ ଦାସ ପରିଚାଳନା କରିଥିଲେ । ସେହିପରି ଏହି ବ୍ଲକ ତରିଆ ଖେଳପଡିଆରେ ଅନୁଷ୍ଠିତ ଜୋନାଲ ଫାଇନାଲ ମ୍ୟାଚରେ କୁମାରୀ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୫୨ ରନ କରିଥିଲା । ଜବାବରେ ଗଙ୍ଗାଧରପୁର ଟିମ ୧୪.୩ ଓଭରରେ ୩ ଉଇକେଟ ହରାଇ ୧୫୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା ।

## ଆନନ୍ଦପୁର ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗର ଆଲୋଚନା ଚକ୍ର ଉଦ୍‌ଘାଟିତ

ଆନନ୍ଦପୁର, (ପ.ଏନ):ଆନନ୍ଦପୁର ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗର ଆଲୋଚନା ଚକ୍ରକୁ ମହାବିଦ୍ୟାଳୟର ଅଧକ୍ଷ ମେଓର ଡ.ଦିଲ୍ଲୀପ କୁମା ଦାଶ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ରସାୟନ ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଡ. ଶେଖର ପ୍ରସାଦ ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ପ୍ରାଧ୍ୟାପକ ଡ. ନିମାଇଁ ଚରଣ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୌମ୍ୟ ରନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ସେମିନାର ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ଅଧକ୍ଷ ଡ. ଦାଶ ଛାତ୍ରଛାତ୍ରୀ ମାନଙ୍କୁ ବକ୍ତବ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟର ଟେକ ରଖିବା ପାଇଁ ଉଦ୍‌ବୋଧନ ଦେଇଥିଲେ । ଚେମିଷ୍ଟ୍ରି ଅଫ୍ ହେମୋଗ୍ଲୋବିନ୍ ମ୍ୟାଓଗ୍ଲୋବିନ୍ ଉପରେ ଛାତ୍ରୀ ଶୁଭଲକ୍ଷ୍ମୀ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଆଲୋଚନା ଚକ୍ରରେ ଅଧାପକ ପ୍ରଫୁଲ କୁମାର ପଣ୍ଡା, ସେମିନାର ଉପଦେଷ୍ଟା ଅଧ୍ୟାପକ ବିଶ୍ୱରନ ସାହୁ, ସ୍ମିତପ୍ରଜ୍ଞା ଜେନା, ପାର୍ଥସାରଥି ଦେଓ ପ୍ରମୁଖଙ୍କ ସହିତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# କମ୍‌ଭିଭା ପକ୍ଷରୁ ଏହାର ଭୁବନେଶ୍ୱର କେନ୍ଦ୍ର ପାଇଁ ଦୁଇଟି ସିଓଇ ସଂଲଗ୍ନ କରାଗଲା



ଭୁବନେଶ୍ୱର, (ପି.ଏନ): ମୋବିଲିଟି ସମାଧାନର ବିଶ୍ୱସ୍ତରୀୟ ଅଗ୍ରଣୀ କମ୍ପାନୀ କମ୍‌ଭିଭା ପକ୍ଷରୁ ଭୁବନେଶ୍ୱରରେ ଏହାର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି । ଏହା ଭୁବନେଶ୍ୱର କେନ୍ଦ୍ରରେ ଦୁଇଟି ଫୋକସଡ୍ ସେଂଟର ଅଫ୍ ଏକ୍ସଲେନ୍ସ(ସିଓଇ) ସଂଲଗ୍ନ କରାଯାଇଛି । ଏହା ସହିତ କମ୍ପାନୀ ୨୦୨୩ ସୁଦ୍ଧା ୨୦୦ରୁ ଅଧିକ ରିସର୍ଚ୍ଚ ଆଣ୍ଡ ଡେଭଲପମେଂଟ୍ ବେସ୍ ସ୍ଥାପନା କରିବାର ଯୋଜନା କରିଛି । ଏହା ଗ୍ରୋଥ୍ ମାର୍କେଟିଂ ଏବଂ ଜିଟିଟାଲ ଫାଇନାନ୍ସିଆଲ ସମାଧାନ ଉପଲବ୍ଧ କରାଇବାକୁ ସକ୍ଷମ ।ଏହିଅବସରରେ କମ୍‌ଭିଭାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରନ ମହାପାତ୍ର କହିଲେ, ବିଶ୍ୱସ୍ତରରେ ମୋବାଇଲ୍ ଆପ୍ଲିକେଶନ ଇକୋନୋମିକ୍ ଗ୍ରୋଥ୍‌ର ପ୍ରାଇମେରୀ ଇନ ସାବ୍ୟସ୍ତ ହୋଇଛି । ଏହା ଆର୍ ଆଣ୍ଡ ଡି ଏବଂ ଭିତିଭୂମି ବିକାଶ ଉପରେ ଗୁରୁତ୍ୱାରୋପ କରିଥାଏ । ଏହା ୫-ଜି ଡିଜିଟାଲ ଟ୍ରାନ୍ସଫରମେଶନ ସହିତ ଜଡ଼ିତ ହୋଇ କାର୍ଯ୍ୟ ଜାରି ରଖିଛି । ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାରରେ ଜ୍ଞାନଯୁକ୍ତ ପେଶାଦାରଙ୍କ ଉପସ୍ଥିତିକୁ ପ୍ରୋତ୍ସାହିତ କରିବା ଲାଗି ସେଂଟର ଅଫ୍ ଏକ୍ସଲେନ୍ସ ଭୁବନେଶ୍ୱରରେ ସ୍ଥାନ କରାଯାଇ କମ୍ପାନୀର ବିକାଶ ଧାରାକୁ ଅବ୍ୟାହତ ରଖିବାର ଯୋଜନା କରାଯାଇଛି । କମ୍ପାନୀର ଷ୍ଟେଟ୍ ଅଫ୍ ଆର୍ଟ ରିସର୍ଚ୍ଚ ସୁବିଧା ଗୁରୁଗାଓଁ ଏବା ବେଙ୍ଗାଲୁରୁରେ ରହିଛି । ଭୁବନେଶ୍ୱରରେ ସ୍ଥାପିତ ହୋଇଥିବା କମ୍ପାନୀର ସେଂଟର ଅଫ୍ ଏକ୍ସଲେନ୍ସ ସୁବିଧା ଭାରତରେ ତୃତୀୟ । ଭୁବନେଶ୍ୱରରେ ବ୍ୟାପକ ଶିକ୍ଷା ବେଲ୍ଟ, ଟ୍ୟାଲେଂଟ୍, ବହୁବିଧ ବିକାଶ ସୁଯୋଗ ରହିଥିବାରୁ କମ୍ପାନୀ ଏଠାରେ ଏହି କେନ୍ଦ୍ର ଖୋଲିବାକୁ ନିଷ୍ପତି ଗ୍ରହଣ କରିଛି । ଏହାଦ୍ୱାରା ନିଯୁକ୍ତି ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି ହେବାର ଆଶା ରହିଛି ।

# ଧର୍ମଶାଳା ବ୍ଲକରେ ୧୫ଶହ ପରିବାରକୁ ସ୍ମାର୍ଟ ହେଲଥ କାର୍ଡ ବଂଟନ




ଧର୍ମଶାଳା, (ପିଏନ୍): ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ବୁଧବାର ଦିନ ଶୁଭାରମ୍ଭ ହୋଇଛି ସ୍ମାର୍ଟ କାର୍ଡ ବଂଟନ ପ୍ରକ୍ରିୟା । ଗୁରୁବାର ଦିନ ଧର୍ମଶାଳା ବ୍ଲକର ୬ଟି ପଂଚାୟତରେ ବିଧାୟକ ଯୋଗଦେଇ ୧୧ଶହ ପରିବାର ଓ ୩ଟି ପଂଚୟାତରେ ବ୍ଲକ ଅଧ୍ୟକ୍ଷ ଯୋଗଦେଇ ୪ଶହ ପରିବାରଙ୍କୁ ସ୍ମାର୍ଟ କାର୍ଡ ବଂଟନ କରିଛନ୍ତି । ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଏଣ୍ଡଳବା, ରେଖିଦେଇପୁର, ତାଳଖଜଙ୍ଗ, ରାଇଛନ୍ଦା, କବାଟବନ୍ଧ, ଅଂଜିରା ପଂଚାୟତରେ ହିତାଧିକାରୀଙ୍କୁ ସ୍ମାର୍ଟ କାର୍ଡ ବଂଟନ କରିଥିଲେ । ଏହି ପଂଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଡିଓ ଅରବିନ୍ଦ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟା ସୁରେଖା ନାୟକ ଯୋଗଦେଇଥିଲେ । ସଂପୃକ୍ତ ପଂଚାୟତର ସରପଂଚ ସମିତିସଭ୍ୟ ଓ ଡିଲରମାନେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟାରେ ସହାୟତା କରିଥିଲେ । ସେହିପରି ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହାଣୀଡିହ, ବୃନ୍ଦାଦେଇପୁର, ତରଂଜିଆ ପଂଚାୟତର ହିତାଧିକାରୀଙ୍କୁ ସ୍ମାର୍ଟ ହେଲଥ କାର୍ଡ ବଂଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଏବିଡିଓ ଅସିତ ପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟ ନିରଂଜନ ରାଉତ, ସଭ୍ୟା ପ୍ରଣତି ଲେଙ୍କା ଯୋଗଦେଇଥିଲେ । ଉକ୍ତ ପଂଚାୟତର ସରପଂଚ, ସମିତିସଭ୍ୟ ଓ ଡିଲରମାନେ ସହାୟତା କରିଥିଲେ ।

## ଢେଙ୍କିକୋଟରେ ଲକ୍ଷ୍ମୀନାରାୟଣ ପୂଜା ଜମୁଛି

ଢେଙ୍କିକୋଟ, (ପ.ଏନ): ଢେଙ୍କିକୋଟରେ ଜମୁଛି ଲକ୍ଷ୍ମୀନାରାୟଣ ପୂଜା । ଏହି ବର୍ଷର ଏହା ହେଉଛି ଶେଷ ପୂଜା । ଢେଙ୍କିକୋଟ ଲକ୍ଷ୍ମୀନାରାୟଣ ପୂଜା କମିଟି ୧୨ବର୍ଷର ପୂ☐ ଉପଲକ୍ଷେ ପୂଜାକୁ ଧୁମ୍‌ଧାନରେ ପାଳନ କରାଯାଉଛି । ସୁନ୍ଦର ତୋରଣ, ରଙ୍ଗୀନ ଆଲୋକ ସଜ୍ଜା, ଜୀବନ୍ତ ମୂ☐, ପୂଜାର୍ଚ୍ଚନାରେ ପୂଜା ମଣ୍ଡପରେ ଏକ ଭାବାତ୍ମକ ଓ ଭକ୍ତିମୟ ପରିବେଶ ସୃଷ୍ଟି ହେଉଛି । ଉକ୍ତ ପୂଜାରେ କ☐ା ଭାବେ ସୁରେନ୍ଦ୍ର ସାହୁ ଥିବାବେଳେ ପୂଜା କମିଟିର ଶ୍ରୀଧର ରାଉଳ, ରବିନ୍ଦ୍ର ନାୟକ, ଲୋଚନ ସାହୁ, ମଧୁସୂଦନ ବେଜ, ଚକ୍ରଧର ପାତ୍ର, ନବକିଶୋର ମଣ୍ଡଳ, ଚକ୍ରଧର ରାଉଳ ପ୍ରମୁଖଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳା ଭାବେ ପୂଜା ଚାଲିଛି ।

# ପଣ୍ଡିତ ଓମ୍‌କାରନାଥ ଠାକୁର ଆନ୍ତର୍ଜାତିକ ଆଭାସି ସଂଗୀତ ସମାରୋହ



ସିଓଲ / ଲଣ୍ଡନ / ମୁମ୍ବାଇ / ନଏଡ଼ା / ନୂଆଦିଲ୍ଲୀ / ଭୁବନେଶ୍ୱର, (ପି.ଏନ) : ଅଗ୍ରଣୀ ପ୍ରବାସୀ ଓଡ଼ିଆ ସାଂସ୍କୃତିକ ଅନୁଷ୍ଠାନ ସ୍ୱର ସମର୍ପଣ ତରଫରୁ ପଣ୍ଡିତ ଓମ୍‌କାରନାଥ ଠାକୁର ଆନ୍ତର୍ଜାତିକ ସଂଗୀତ ସମାରୋହ ଆଭାସି ମଞ୍ଚରେ ଅନୁଷ୍ଠିତ ହୋଇଯାଇଛି । ଏହି ମହୋତ୍ସବରେ ବିଭିନ୍ନ ଦେଶର ଓଡ଼ିଆ ସମାଜର କର୍ମକର୍ତ୍ତା, ବିଶ୍ୱ ଓଡ଼ିଶା ସମାଜର ସଦସ୍ୟ, ପ୍ରବାସୀ ଓଡ଼ିଆ ନେତୃବୃନ୍ଦ ଏବଂ ଦେଶବିଦେଶର ବହୁ ସଂଗୀତ ପ୍ରେମୀ ଜନସାଧାରଣ ଅନ୍‌ଲାଇନ୍ ଯୋଗେ ଯୋଗଦେଇଥିବା ଦେଖାଯାଇଥିଲା । ଉତ୍ସବର ମୁଖ୍ୟ ଆୟୋଜକ ଏବଂ ସ୍ୱର ସମର୍ପଣର ପ୍ରତିଷ୍ଠାତା ଲବ୍ଧ ପ୍ରତିଷ୍ଠ ଶାସ୍ତ୍ରୀୟ ସଂଗୀତଜ୍ଞ ଆଚାର୍ଯ୍ୟ ଅଭିମନ୍ୟୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରି କରୋନାର କରାଳ କାଳିମା କାଳରେ କଳାର ସେବା ଓ ସମୃଦ୍ଧିକୁ ଜାରି ରଖିବା ନେଇ ତାଙ୍କର ପ୍ରୟାସକୁ ମିଳୁଥିବା ପ୍ରୋତ୍ସାହନ ନେଇ କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ଆଗକୁ ଏହିଭଳି ସକ୍ରୀୟ ସହଯୋଗର କାମନା କରିଥିଲେ । ସମାବେଶରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବରିଷ୍ଠ ସାମ୍ବାଦିକ ଏବଂ ବିଶ୍ୱ ଓଡ଼ିଶା ସମାଜର ଅଧକ୍ଷ କିଶୋର ଦ୍ୱିବେଦୀ, ପ୍ରବାସରେ ଓଡ଼ିଶାର କଳା, ସଂସ୍କୃତି, ସାହିତ୍ୟ, ପରମ୍ପରା ଓ ଐତିହ୍ୟକୁ ପ୍ରଚାର, ପ୍ରସାର ଓ ଲୋକପ୍ରିୟ କରିବାରେ ସ୍ୱର ସମର୍ପଣ ଏବଂ ଗୁରୁ ଆଚାର୍ଯ୍ୟ ଅଭିମନ୍ୟୁଙ୍କର ଅବଦାନ ଅନନ୍ୟ ଏବଂ ଅତୁଳନୀୟ ବୋଲି ମତ ପ୍ରକାଶ କରିଥିଲେ । ସମ୍ମାନିତ ଅତିଥି ଭାବରେ ସଞ୍ଜୟ ଶ୍ରୀବାସ୍ତବ, ଡଃ ଚନ୍ଦ୍ରମଣି ବ୍ରହ୍ମଦତ୍ତ, ରୀତା ପାତ୍ର, ଶିଶିର ଦୁବେ ଓ ରାଜପାଲ ଜୋହର ପ୍ରମୁଖ ଯୋଗଦେଇ ସଂଗୀତର ଶୁଦ୍ଧତା ଓ ଶାସ୍ତ୍ରୀୟତାକୁ ବଜାୟ ରଖିବାରେ ଆଚାର୍ଯ୍ୟ ଅଭିମନ୍ୟୁଙ୍କର ଉଲ୍ଲେଖନୀୟ ଯୋଗଦାନର ଭୂୟସୀ ପ୍ରଶଂସା କରିଥିଲେ । ସ୍ୱର ସମର୍ପଣ ପକ୍ଷରୁ ୨୦୨୧ର ତେଜସ୍ୱୀ ସମ୍ମାନ ସିଦ୍ଧାନ୍ତ ଦୁବେ ଏବଂ ସ୍ୱପ୍ନାରାଣୀ ତଥା ସ୍ୱର ସମାଜସେବୀ ସମ୍ମାନ ଡଃ ଚନ୍ଦ୍ରମଣି ବ୍ରହ୍ମଦତ୍ତଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ନୂଆଦିଲ୍ଲୀରୁ ଆଚାର୍ଯ୍ୟ ଅଭିମନ୍ୟୁ, ମୁମ୍ବାଇରୁ ସିଂହବନ୍ଧୁ ଭାବେ ପ୍ରସିଦ୍ଧି ପ୍ରାପ୍ତ ପଦ୍ମଶ୍ରୀ ପଣ୍ଡିତ ସୁରୀନ୍ଦର ସିଂହ, ଭୁବନେଶ୍ୱରରୁ କରୁଣାକର ନାୟକ, ନୂଆଦିଲ୍ଲୀରୁ ସ୍ୱପ୍ନାରାଣୀ, ନଏଡ଼ାରୁ ନେହା ଦୁବେ, ଲଣ୍ଡନରୁ ମୁକେଶ କାକ୍କର ଏବଂ ନୂଆଦିଲ୍ଲୀରୁ ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ ସେମାନଙ୍କର ସୁମଧୁର ଓ ସୁଲଳିତ ସଂଗୀତର ଅପୂର୍ବ ମାଧୁର୍ଯ୍ୟରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ସନ୍ଧ୍ୟାର ବିଶେଷ ଆକର୍ଷଣ ଥିଲା ନଏଡ଼ାର ଆଚାର୍ଯ୍ୟ ଅଭିମନ୍ୟୁଙ୍କର ଦୁଇ ଶିଷ୍ୟ ଭାଇ ତଥା ପ୍ରତିଭାବାନ ଶିଶୁ କଳାକାର ସିଦ୍ଧାନ୍ତ ଓ ବିଭାନ୍ ଦୁବେଙ୍କ ଦ୍ୱାରା ପରିବେଷିତ ଗଣେଶ ବନ୍ଦନା । ବାଦ୍ୟଯନ୍ତ୍ରରେ କୃଷ୍ଣଚନ୍ଦ୍ର ଦାସ, ସୁବୋଧ ନାରାୟଣ ପାଢ଼ୀ, ପ୍ରକାଶ ସାଲସକର, ବିଜୟ କୁମାର ଦାଶ ପ୍ରମୁଖ ସହଯୋଗ କରିଥିଲେ । ଆକାଶବାଣୀ ଓ ଦୂରଦର୍ଶନର ପ୍ରଖ୍ୟାତ୍ ଉଦ୍‌ଘୋଷିକା ପ୍ରତିମା ଶର୍ମା, ସମଗ୍ର ଅଧୀବେଶନକୁ ସୁଚାରୁ ରୂପେ ସଂଯୋଜନା ଓ ସଞ୍ଚାଳନା କରିଥିଲେ । ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଦକ୍ଷିଣ କୋରିଆରୁ ଡଃ ସୀତାଂଶୁ ଶେଖର ନନ୍ଦ, ତାଞ୍ଜାନିଆରୁ ରିଚା ଗୁପ୍ତା, ଭାରତରୁ ସୁଖନନ୍ଦନ ବିନ୍ଦ୍ରା, କୃଷ୍ଣା ଶତପଥୀ, ହରିହର ରଥ ଏବଂ ଅନିନ୍ଦିତା ଦାସ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ । ନଏଡ଼ାସ୍ଥିତ ଓମ୍‌କାର ଡିଭାଇନ୍ ପ୍ଲେସ୍ ପରିସରରୁ କାର୍ଯ୍ୟକ୍ରମର ଜୀବନ୍ତ ପ୍ରସାରଣ କରାଯାଇଥିଲା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray